୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Voö.26 . No.277 Bhubaneswar Friday December 20 2024 | ୨୬ତମ ବର୍ଷ ସଂଖ୍ୟା–୨୭୭ ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୦, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ନବୀନଙ୍କ ବିରୁଦ୍ଧରେ କଠୋର ହେଲେ ରାଜ୍ୟପାଳ: ୨ଥର ମନା କଲାଣି ଆଇନ ବିଭାଗ, ତଥାପି ଦେଇପାରନ୍ତି ଦୁର୍ନୀତି ମାମଲା ରୁଜୁ ପାଇଁ ଅନୁମତି

ଭୁବନେଶ୍ୱର,୧୯।୧୨(ପି.ଏନ): ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଢ଼ିପାରେ ଅଡୁଆ । ନବୀନଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ମାମଲାରେ କଠୋର ଆଭିମୁଖ୍ୟ ପୋଷଣ କରଛନ୍ତି ରାଜ୍ୟପାଳ ରଘୁବର ଦାସ । ସମ୍ବିଧାନ ପ୍ରଦତ୍ତ ବିବେକାନୁମୋଦିତ କ୍ଷମତାକୁ ଉପଯୋଗ କରି ନବୀନଙ୍କ ବିରୁଦ୍ଧରେ ଦୁର୍ନୀତି ମାମଲା ରୁଜୁ ପାଇଁ ଦେଇପାରନ୍ତି ଅନୁମତି । ଆଡଭୋକେଟ୍ ସୁଧୀର ଚ଼ରଣ ମହାନ୍ତିଙ୍କ ଆବେଦନ ଆଧାରରେ ରାଜ୍ୟପାଳ ମାତ୍ର ୨୦ଦିନ ମଧ୍ୟରେ ଦୁଇ ଦୁଇଥର ଆଇନଗତ ପରାମର୍ଶ ଲୋଡିବା ପରେ ଏହି ଆଶଙ୍କା ବଢ଼ିବାରେ ଲାଗିଛି । ଯଦି ଏଭଳି ହୁଏ ତା'ହେଲେ ନବୀନ ଓ ତାଙ୍କ ଖାସ୍ ସହଯୋଗୀ ଭିକେ ପାଣ୍ଡିଆନଙ୍କ ଅଡୁଆ ବଢ଼ିବ ଏବଂ ଉଭୟଙ୍କୁ ପୁଲିସ ତଦନ୍ତର ସମ୍ମୁଖୀନ ହେବାକୁ ପଡିପାରେ ବୋଲି ଜଣାପଡିଛି ।ମିଳିଥିବା ସୂଚ଼ନା ଅନୁସାରେ, ଶ୍ରୀ ମହାନ୍ତିଙ୍କ ଆବେଦନକୁ ଆଧାର କରି ରାଜ୍ୟପାଳଙ୍କ ଅଫିସ୍ (ରାଜଭବନ) ପକ୍ଷରୁ ରାଜ୍ୟ ଆଇନ ବିଭାଗର ପରାମର୍ଶ ଲୋଡାଯାଇଥିଲା । ଗତ ନଭେମ୍ବର ୨୨ତାରିଖରେ ରାଜ୍ୟ ଆଇନ ବିଭାଗର ସ୍ୱତନ୍ତ୍ର ସଚ଼ିବ ପ୍ରଣବ କୁମାର ପାତ୍ର 'ୟୁଓଆଇ' ନୋଟ୍ ପଠାଇଥିଲେ ଯେଉଁଥିରେ ସେ ଦର୍ଶାଇଥିଲେ ଯେ, ବିଭାଗକୁ ଆସିଥିବା



ଫାଇଲ ଯାହାକି ରାଜ୍ୟପାଳଙ୍କ ନିକଟରେ ଅଭିଯୋଗକାରୀ ଶ୍ରୀ ମହାନ୍ତି ଦାଖଲ କରିଛନ୍ତି ସେଥିରେ ତାଙ୍କ ଦ୍ୱାରା କୌଣସି ଦସ୍ତାବିଜ କିମ୍ବା ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ଦିଆଯାଇନାହିଁ । ଯଦି ଶ୍ରୀ ମହାନ୍ତିଙ୍କ ପାଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୁଦ୍ଧରେ କୌଣସି ପ୍ରାମାଣିକ ତଥ୍ୟ ଓ ଦସ୍ତାବିଜ ଅଛି ତାକୁ ସେ ରାଜ୍ୟପାଳଙ୍କ ନିକଟରେ ଦାଖଲ କରିବାକୁ କୁହାଯାଉ । ତାକୁ ଅନୁଧ୍ୟାନ କରିବା ପରେ ରାଜ୍ୟପାଳ ନିଜ ବିବେକ ଆଧାରରେ ମକଦ୍ଦମା ଦାଏର ପାଇଁ ଅନୁମତି ଦେଇପାରିବେ । ଯଦି ଅଭିଯୋଗକାରୀ କୌଣସି ତଥ୍ୟ ଦେବାରେ ସକ୍ଷମ ନହେବେ ତା'ହେଲେ ଅନୁମତି ଦିଆଯାଇନପାରେ ବୋଲି ଆଇନ ବିଭାଗ ନଭେମ୍ବର ୨୨ତାରିଖରେ ରାଜ୍ୟପାଳଙ୍କ ପ୍ରମୁଖ ସଚ଼ିବଙ୍କୁ ୟୁଓଆଇ ନୋଟ୍ ପଠାଇ ଏହା ଜଣାଇ ଦେଇଥିଲା ।ମାତ୍ର ଆଇନ ବିଭାଗର ଏହି ଉତ୍ତରରେ ସନ୍ତୁଷ୍ଟ ନହୋଇ ରାଜ୍ୟପାଳ ପୁଣିଥରେ ଚ଼ଳିତମାସ ୪ତାରିଖରେ ଆଇନ ବିଭାଗର ପରାମର୍ଶ ଲୋଡିଥିଲେ । ଅଭିଯୋଗକାରୀ ଶ୍ରୀ ମହାନ୍ତିଙ୍କ ଦ୍ୱାରା ସେପ୍ଟେମ୍ବର ୨୫ତାରିଖରେ ଦାଖଲ କରାଯାଇଥିବା ଦସ୍ତାବିଜ ଆଧାରରେ ସ୍ପଷ୍ଟ ମତ ଦେବାକୁ ଆଇନ ବିଭାଗକୁ ରାଜଭବନ କହିଥିଲା । ଆଉ ଚ଼ଳିତମାସ ୧୭ତାରିଖରେ ଆଇନ ବିଭାଗର ସ୍ୱତନ୍ତ୍ର ସଚ଼ିବ ଶ୍ରୀ ପାତ୍ର ପୁଣିଥରେ 'ୟୁଓଆଇ' ନୋଟ୍ ଲେଖି ଦର୍ଶାଇଛନ୍ତି ଯେ, ଅଭିଯୋଗକାରୀଙ୍କ ଦ୍ୱାରା ସେପ୍ଟେମ୍ବର ୨୫ତାରିଖରେ କେବଳ ଏକ ପିଟିସନ୍ ଦାଖଲ କରାଯାଇଛି । ଲାଗୁଛି, ରାଜ୍ୟପାଳଙ୍କ ସମ୍ମୁଖରେ ଅଭିଯୋଗକାରୀଙ୍କ ଦ୍ୱାରା ଏହି ପିଟିସନ୍ ବ୍ୟତୀତ ଅନ୍ୟ କୌଣସି ଦସ୍ତାବିଜ ଓ ତଥ୍ୟ ଦାଖଲ କରାଯାଇ ନାହିଁ । ତେଣୁ କୌଣସି ଦସ୍ତାବିଜ ନଥାଇ କେବଳ ପିଟିସନ୍ ଆଧାରରେ ନବୀନ ପଟ୍ଟନାୟକ କୌଣସି ଅପରାଧ କରିଛନ୍ତି ବୋଲି ନିଷ୍ପତ୍ତିରେ ଉପନୀତ ହେବା ସମ୍ଭବପର ନୁହେଁ । ତେଣୁ ଏସବୁକୁ ଦୃଷ୍ଟିରେ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ବିରୁଦ୍ଧରେ ମାମଲା ରୁଜୁ ପାଇଁ ଅନୁମତି ଦିଆଯାଇନପାରେ ବୋଲି ବିଭାଗ ତା'ର ମତ ଦେଉଛି ।

## ନୂଆବର୍ଷରୁ ନୂଆ ବ୍ୟବସ୍ଥା; ବାରିକେଡରେ ଯାଇ ଦର୍ଶନ କରିବେ ଶ୍ରଦ୍ଧାଳୁ



ଭୁବନେଶ୍ୱର,୧୯।୧୨(ପି.ଏନ): ନୂଆବର୍ଷରୁ ଶ୍ରୀମନ୍ଦିରରେ ନୂଆ ଦର୍ଶନ ବ୍ୟବସ୍ଥା। ଜାନୁଆରୀ ପହିଲାରୁ ଲାଗୁ ହେବ ନାଟମଣ୍ଡପରେ ବ୍ୟାରିକେଡ ଓ ରାଂପ୍ ସିଷ୍ଟମ। ସ୍ୱତନ୍ତ୍ର ବାରିକେଡ ଯୋଗେ ଶ୍ରୀଜିଉଙ୍କ ଦର୍ଶନ କରିବେ ଶ୍ରଦ୍ଧାଳୁ। ଦିବ୍ୟାଙ୍ଗ, ମହିଳା, ଶିଶୁ, ବରିଷ୍ଠ ନାଗରିକ ଓ ପୁରୁଷ ଭକ୍ତଙ୍କ ପାଇଁ ରହିବ ଅଲଗା ଅଲଗା ଲାଇନ। ତେବେ କେମିତି ଓ କେଉଁଠୁ ଆରମ୍ଭ ହେବ ବ୍ୟାରିକେଡ୍ ଏ ନେଇ ପରିଚ଼ାଳନା କମିଟିର ସ୍ଥାୟୀ ସଭାପତି ଗଜପତି ମହାରାଜାଙ୍କୁ ଅବଗତ କରାଯିବା ସହ ଆଇନ୍ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା ।ଓବିସିସି କର୍ତ୍ତୃପକ୍ଷଙ୍କ ସହ ମଧ୍ୟ ସବିଶେଷ ଆଲୋଚ଼ନା ସରିଥିବା କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ। ମୁଖ୍ୟ ପ୍ରଶାସକ ଆହୁରି ମଧ୍ୟ କହିଛନ୍ତି ଯେ, ଛତିଶାନିଯୋଗରର ପରାମର୍ଶ ଆଧାରରେ ଅସ୍ଥାୟୀ ବ୍ୟାରିକେଡ ବ୍ୟବସ୍ଥା ନିର୍ମାଣ ଦ୍ୱାରା ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଚ଼ାଲିବ। ଦିବ୍ୟାଙ୍ଗ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ମଧ୍ୟ ଉଦ୍ୟମ ଚ଼ାଲିଛି।

## ଲଗାତାର ୨ ଦିନ ଧରି ଥରିଲା ଓଡିଶା ! ଏହି ସ୍ଥାନରେ ଅନୁଭୂତ ହେଲା ଭୂକମ୍ପ ଝଟକା, ଭୟଭୀତ ଅବସ୍ଥାରେ ଲୋକେ

ଭୁବନେଶ୍ୱର,୧୯।୧୨(ପି.ଏନ): ପୁଣି ଥରେ ଓଡିଶାର ଏକ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଛି । ଗତ କିଛି ଦିନ ହେବ ଓଡିଶାର ବିଭିନ୍ନ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହେଉଥିବା ବେଳେ ଆଜି ପୁଣି ଭୂକମ୍ପ ଖବର ସାମ୍ନାକୁ ଆସିଛି । ଟାଙ୍ଗୀରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି । ୬ ସେକେଣ୍ଡ ପାଇଁ ଥରିଛି ଟାଙ୍ଗୀ ମାଟି । ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଓ ଏହାର ଆଖପାଖ ଅଞ୍ଚଳରେ ଭୂମିକମ୍ପ ଅନୁଭୂତ ହୋଇଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି । ଅପରାହ୍ନ ୪ଟା ୫୪ ମିନିଟରୁ ୫ଟା ଭିତରେ ଏହି ଭୂକମ୍ପ ଅନୁଭୂତ ହୋଇଥିବା ବେଳେ ଲୋକେ ଘରୁ ବାହାରି ଆସିଥିଲେ । ତେବେ ଗତ କିଛି ଦିନ ହେବ ଓଡିଶାରେ ଏଭଳି ଭୂକମ୍ପ ହେଉଥିବା ବେଳେ ଏହା ଚ଼ିନ୍ତାର କାରଣ ସାଜିଛି । ରିକ୍ଟର ସ୍କେଲରେ ତୀବ୍ରତା ଜଣାପଡିନଥିଲେ ହେଁ ମୃଦୁ ହୋଇଥିବା ଜଣାପଡିଛି । କିନ୍ତୁ ସରକାରୀ ଭାବେ ଏନେଇ କୌଣସି ଘୋଷଣା କରାଯାଇ ନାହିଁ ।ତେବେ ଏହା ପୂର୍ବରୁ ଗତକାଲି ଅର୍ଥାତ୍ ବୁଧବାର ଦିନ ଓଡିଶାର ବିଭିନ୍ନ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଥିଲା । କଳାହାଣ୍ଡି ଜିଲ୍ଲାର କୋକସରା ଅଞ୍ଚଳରେ ଆଜି ମୃଦୁ ଭୂକମ୍ପ ଅନୁଭୂତ ହୋଇଥିଲା । ତେବେ କେବଳ କୋକସରା ନୁହେଁ, ଧର୍ମଗଡ ଅଞ୍ଚଳରେ ମଧ୍ୟ ଆଜି ଭୂକମ୍ପ ଅନୁଭୂତ ହୋଇଥିଲା । ତେବେ ବଡ ଧରଣର ଭୂକମ୍ପ ହୋଇନଥିଲେ ହେଁ ମୃଦୁ ଭୂକମ୍ପ ହୋଇଥିବା ଜଣାପଡିଛି।

## ପ୍ରତାପଙ୍କୁ ଧକ୍କା ମାମଲା: ରାହୁଲଙ୍କ ବଢ଼ିଲା ଅଡୁଆ, ଥାନାରେ ହେଲା ଲିଖିତ ଅଭିଯୋଗ

ନୂଆଦିଲ୍ଲୀ,୧୯।୧୨(ପି.ଏନ): ଲୋକସଭାର ବିରୋଧୀ ଦଳ ନେତାଙ୍କ ବିରୋଧରେ ଥାନାରେ ଏତଲା । ବିଜେପି ତରଫରୁ ଗୁରୁବାର ଦିନ ସଂସଦ ମାର୍ଗରେ ଥିବା ଥାନାରେ ଏତଲା ହୋଇଛି । ସଂସଦ ପରିସରରେ ପ୍ରତାପ ଷଡଙ୍ଗୀଙ୍କୁ ରାହୁଲ ଗାନ୍ଧୀ ଧକ୍କା ମାରି ପକାଇଦେବା ମାମଲାରେ ବିଜେପି ଥାନାରେ ଲିଖିତ ଅଭିଯୋଗ କରିଛି । ବିଜେପିର ସାଂସଦ ବାଂସୁରୀ ସ୍ୱରାଜ, ଅନୁରାଗ ଠାକୁର ଓ ହେମାଙ୍ଗ ଜୋଶୀ ସଂସଦ ମାର୍ଗରେ ଥିବା ଥାନାରେ ରାହୁଲଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି ।ଆଜି ସଂସଦ ପରିସରରେ ଗୃହମନ୍ତ୍ରୀ ଅମିତ ସାହଙ୍କ ଆମ୍ବେଦକର ଟିପ୍ପଣୀକୁ ନେଇ ଇଣ୍ଡିମେଣ୍ଟ ତରଫରୁ ବିକ୍ଷୋଭ ଚ଼ାଲିଥିଲା । ଏହି ସମୟରେ କଂଗ୍ରେସ ଓ ବିଜେପି ଭିତରେ ଆରମ୍ଭ ହୋଇଥିଲା ଠେଲାପେଲା । ବିଜେପି ସାଂସଦ ପ୍ରତାପ ଷଡଙ୍ଗୀ ଠେଲା ପେଲାରେ ତଳେ ପଡି ତାଙ୍କ ମୁଣ୍ଡ ଫାଟି ଯାଇଥିଲା । ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ବିଜେପିର ବହୁ ସାଂସଦ ଓ ନେତା ପ୍ରତାପଙ୍କୁ ଦେଖିବାକୁ ହସ୍ପିଟାଲ ଯାଉଛନ୍ତି ଭେଟିବାକୁ । ସପାର ଦୁଇ ନେତା ମଧ୍ୟ ପ୍ରତାପଙ୍କୁ ହସ୍ପିଟାଲରେ ଭେଟିବାକୁ ଯାଇଛନ୍ତି ।

## ଦେଶର ରାଜଧାନୀରେ ହଙ୍ଗାମା; ରାଜ୍ୟ ରାଜଧାନୀରେ ଗର୍ଜନ

ଭୁବନେଶ୍ୱର,୧୯।୧୨(ପିଏନ):ସଂସଦରେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଦେଶର ରାଜଧାନୀ ନୂଆଦିଲ୍ଲୀରେ ହୋଇଛି ହଙ୍ଗାମା। ମୁହାଁମୁହିଁ ହୋଇଛନ୍ତି କଂଗ୍ରେସ ଓ ବିଜେପି ସାଂସଦ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ନାଁରେ ଥାନାରେ ହୋଇଛି ଏତଲା। ଦେଶର ରାଜଧାନୀରେ ହୋଇଥିବା ହଙ୍ଗାମାକୁ ନେଇ ରାଜ୍ୟ ରାଜଧାନୀ ଭୁବନେଶ୍ୱର ରାଜନୀତି ଉଷ୍ମ ହୋଇଛି। ରାହୁଲ ଗାନ୍ଧିଙ୍କ ଆକ୍ରମଣକୁ ବିରୋଧ କରି ବିଜେପି ଓ ଅମିତ ଶାହଙ୍କ ବୟାନକୁ ନିନ୍ଦା କରି କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଛନ୍ତି ।ଆଜି ସଂସଦରେ ବାଲେଶ୍ୱର ସାଂସଦ ପ୍ରତାପ ଚ଼ନ୍ଦ୍ର ଷଡ଼ଙ୍ଗୀଙ୍କୁ ରାହୁଲ ଗାନ୍ଧି ଧକ୍କା ମାରିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ରାଜଧାନୀ



ଭୁବନେଶ୍ୱରରେ ଅସନ୍ତୋଷ ପ୍ରକାଶ ପାଇଛି। ରାହୁଲ ଗାନ୍ଧିଙ୍କ ଏପରି କାର୍ଯ୍ୟକୁ ନିନ୍ଦା କରିଛି ବିଜେପି ଯୁବ ମୋର୍ଚ୍ଚା। ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ଯୁବ ମୋର୍ଚ୍ଚାର କର୍ମକର୍ତ୍ତାମାନେ ମାଷ୍ଟରକ୍ୟାଣ୍ଟିନ୍‌ରେ ଏକତ୍ର ହୋଇଥିଲେ। ପରେ ବିଶାଳ ଶୋଭାଯାତ୍ରାରେ ବିଧାନସଭା ଅଭିମୁଖେ ଯାଇଥିଲେ। ସେଠାରେ ରାହୁଲ୍ ଗାନ୍ଧିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ରାହୁଲ୍ ଗାନ୍ଧି ମୁର୍ଦ୍ଦାବାଦ ଓ ରାହୁଲ ଗାନ୍ଧି ଛି ଛି ରେ କମ୍ପିଥିଲା ଜନପଥ।

## ଲକ୍ଷାଧିକ ଟଙ୍କା ହଡପ; ଗରିବଙ୍କ ଝାଳ ବୁହା ଧନ ନେଇଗଲେ ପୋଷ୍ଟ ମାଷ୍ଟର !

ଭୁବନେଶ୍ୱର,୧୯।୧୨(ପି.ଏନ): ଗରିବ ବିଚ଼ରା। ଝାଳ ବୁହା ପରିଶ୍ରମ କରି ରୋଜଗାର କରିଥିଲେ। ଟଙ୍କାଏ ଟଙ୍କାଏ ସଞ୍ଚୟ କରି ଗାଁ ପୋଷ୍ଟ ଅଫିସ୍‌ରେ ଜମା କରିଥିଲେ। ଭାବିଥିଲେ ଭବିଷ୍ୟତରେ କାମରେ ଲାଗିବ। ହେଲେ କ'ଣ ହେବ ଜମାକାରୀଙ୍କ ଅଜାଣତରେ ପୋଷ୍ଟମାଷ୍ଟର ଜମା ଟଙ୍କା ହଡପ୍ କରିନେଲେ। ଏବେ ବାରଦୁଆର ଶୁଣ୍ଢିପିଣ୍ଡା ହେଉଛନ୍ତି ଜମାକାରୀ। ଏପରି ଅଭିଯୋଗ ଆସିଛି




ସୁନ୍ଦରଗଡ ଜିଲ୍ଲାରୁ।କୁତ୍ରା ବ୍ଲକ୍ ଲାଞ୍ଜିବେର୍ଣ୍ଣାରେ ରହିଛି ଉପ ଡାକଘର। ଏହି ଡାକ ଘରେ ଟଙ୍କା ଜମା ରଖିଥିଲେ ନିଲା କିରୋ। ତାଙ୍କର ଆବଶ୍ୟକତା ପଡିବାରୁ ମାର୍ଚ୍ଚ ୨୪ ତାରିଖରେ ସେ ଡାକଘରେ ଜମି ରଖିଥିବା ଟଙ୍କା ଉଠାଇବାକୁ ଚ଼ାହିଁଥିଲେ ।ସେଥିପାଇଁ ସେ ଆବେଦନ କରିଥିଲେ। ହେଲେ ତାଙ୍କ ଆକାଉଣ୍ଟରେ ଟଙ୍କା ନଥିବା ଜାଣିବାକୁ ପାଇଥିଲେ। ତାଙ୍କ ଅଜାଣତରେ ୨୦୨୨ ମସିହା ନଭେମ୍ବର ୨୧ ତାରିଖରେ ୫ ଲକ୍ଷ ଟଙ୍କା ଓ ୨୦୨୩ ମସିହା ଜୁଲାଇ ୨୭ ତାରିଖରେ ୨ ଲକ୍ଷ ଟଙ୍କା ଉଠିଥିଲା। ଏ ସମ୍ପର୍କରେ ଜାଣିବା ପରେ ବିଚ଼ଳିତ ହୋଇଥିଲେ।

## ଚ଼ଳିତ ମାସ ଶେଷ ସୁଦ୍ଧା ଦୁଇ ଦିନିଆ ଓଡିଶା ଗସ୍ତରେ ଆସିବେ ସ୍ୱରାଷ୍ଟ୍ରମନ୍ତ୍ରୀ

ନୂଆଦିଲ୍ଲୀ,୧୯।୧୨(ପି.ଏନ):ପୁଣି ଓଡିଶା ଆସିବେ ସ୍ୱରାଷ୍ଟ୍ର ମନ୍ତ୍ରୀ । ଦୁଇ ଦିନିଆ ଓଡିଶା ଗସ୍ତରେ ଆସିବେ ଅମିତ ସାହ । ତେବେ ସାହଙ୍କ ଗସ୍ତକୁ ନେଇ କୌଣସି ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇନାହିଁ । ୨୮ରୁ ୩୦ ଭିତରେ କୌଣସି ଦିନ ସ୍ୱରାଷ୍ଟ୍ର ମନ୍ତ୍ରୀ ଓଡିଶା ଆସିବେ ବୋଲି ସୂଚ଼ନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ଅମିତ ସାହ ।ଏହି ତାରିଖ ଭିତରେ ରାଜ୍ୟକୁ ଆସି ଦୁଇଦିନ ରହିବେ । ସାହଙ୍କ ରହଣି କାଳରେ ସେ ଭୁବନେଶ୍ୱରରେ ବିଧାୟକମାନଙ୍କୁ ଦେବେ ତାଲିମ । ଏଥିସହ ଦୁଇ ଦିନିଆ ଗସ୍ତ କାଳରେ ସାହ ସମ୍ବଲପୁର ଗସ୍ତ



କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଥିବା କହିଲେ ମନମୋହନ । ବିଜେପି ସରକାର ଗଠନ ପରେ ଏହା ସାହଙ୍କ ତୃତୀୟ ଗସ୍ତ ହେବାକୁ ଯାଉଛି ।ବିଜେପି ରାଜ୍ୟରେ ସରକାର ଗଠନ କରିବା ପରଠାରୁ ବାରମ୍ବାର କେନ୍ଦ୍ରୀୟ ନେତୃତ୍ୱଙ୍କ ଆଗମନ ହେଉଛି ଓଡିଶାକୁ । ଶୀର୍ଷ ନେତୃତ୍ୱ ଏଠାରେ ବିଧାୟକଙ୍କୁ ତାଲିମ ମଧ୍ୟ ଦେଉଛନ୍ତି । ବିଧାୟକଙ୍କ କାମ କେମିତି ରହିବ ରାଜ୍ୟ ତଥା ରାଜ୍ୟବାସୀଙ୍କ ପ୍ରତି ତାହା ତାଲିମ ଦେବା ସହ ବିଧାନସଭାରେ ସେମାନଙ୍କ ଭୂମିକା ସମ୍ପର୍କରେ ମଧ୍ୟ ତାଲିମ ଦେଉଛନ୍ତି ।

## ଭାଇରାଲ ଭିଡିଓ ଆଧାରରେ ପୋଲିସ ବାବୁଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ବାଙ୍କୀ,୧୯।୧୨(ପି.ଏନ): ପୋଲିସ ବାବୁଙ୍କୁ ଦବଙ୍ଗଗିରି କରିବା ପଡିଲା ମହଙ୍ଗା । ଦବଙ୍ଗଗିରି ପାଇଁ ବଦଳିଲେ ଓଆଇସି । ବାଙ୍କୀ ବୈଦେଶ୍ୱର ଥାନା ଓଆଇସିଙ୍କ ଗୁଣ୍ଡାଗର୍ଦ୍ଦିର ଭାଇରାଲ ଭିଡିଓ ଆଧାରରେ ନିଆଯାଇଛି କାର୍ଯ୍ୟାନୁଷ୍ଠାନ ।ବାଙ୍କୀ ବୈଦେଶ୍ୱର ଟି ବ୍ରିଜ ଉପରେ ପୋଲିସ ବାବୁ ପ୍ରିୟଦର୍ଶନ ସେଠୀଙ୍କ ଦବଙ୍ଗଗିରିର ଭିଡିଓ ଭାଇରାଲ ହୋଇଥିଲା । ବାବୁ ଜଣେ ଚ଼ାଳକଙ୍କୁ ରାସ୍ତା ଉପରେ ଅଟକାଇବା ସହ ଚ଼ାଳକଙ୍କ ଉପରେ ଚ଼ଢ଼ିଯିବା ଓ ଅନ୍ୟ ଜଣଙ୍କୁ ଆଣ୍ଠେଇବା ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ଭିଡିଓ ଭାଇରାଲ ହେବାର ପରେ ବାବୁଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ବ୍ୟାପକ ଓ ଶାଣିତ ହେବ ମହାନଦୀ ବଞ୍ଚାଅ ଆନ୍ଦୋଳନ

ଭୁବନେଶ୍ୱର,୧୯।୧୨(ପି.ଏନ): ସମ୍ପ୍ରତି ମହାନଦୀ ଗମ୍ଭୀର ସଙ୍କଟକୁ ଠେଲି ହୋଇ ଯାଉଛି । ଅକ୍ଟୋବର ମାସରୁ ମହାନଦୀ ଶୁଖିବାକୁ ଆରମ୍ଭ କଲାଣି । ହୀରାକୁଦରେ ବର୍ତ୍ତମାନ ସମୟରେ ଯେତିକି ପାଣି ରହିବା କଥା ତାଠାରୁ ଯଥେଷ୍ଟ କମ ଅଛି । ମହାନଦୀ ଟ୍ରିବୁନାଲ ଠାରୁ କିଛି ସାନ୍ତ୍ୱନା ମିଳିବାର ଆଶା ମଧ୍ୟ କ୍ଷୀଣ । ଏହି ପରିପ୍ରେକ୍ଷୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ମହାନଦୀ ସୁରକ୍ଷା କାର୍ଯ୍ୟକ୍ରମକୁ ବ୍ୟାପକ ଓ ଶକ୍ତିଶାଳୀ କରିବା ପାଇଁ ଘୋଷଣା କରିଛି । ଆଜି ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିର ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ଆସନ୍ତା ଜାନୁଆରୀ ମାସରେ ମହାନଦୀ ସମସ୍ୟା କୁ ନେଇ ରାଜ୍ୟସ୍ତରୀୟ ଓ ଫେବୃୟାରୀ ମାସରେ ଜାତୀୟ ସ୍ତରୀୟ ଆଲୋଚ଼ନା ସଭା ଆୟୋଜିତ ହେବ ବୋଲି ଜଳ ପୁରୁଷ ଡ ରାଜେନ୍ଦ୍ର ସିଂହ ଓ ଆନ୍ଦୋଳନର ଆବାହକ ଶ୍ରୀ ସୁଦର୍ଶନ ଦାସ ଓ ଉପସ୍ଥିତ ନେତୃବର୍ଗ ଘୋଷଣା କରିଛନ୍ତି




।ମହାନଦୀ ବଞ୍ଚାଅ ଆନ୍ଦୋଳନର ରାଷ୍ଟ୍ରୀୟ ଉପଦେଷ୍ଟା ଜଳ ମାନବ ଡ, ରାଜେନ୍ଦ୍ର ସିଂହ ସାମ୍ବାଦିକ ସମ୍ମିଳନୀ ରେ ଯୋଗ ଦେଇ କହିଲେ ଯେ ସମ୍ପ୍ରତି କେନ୍ଦ୍ର ଓ ଦୁଇ ରାଜ୍ୟ ଯଥା ଓଡ଼ିଶା ଓ ଛତିଶଗଡ଼ ରେ ସମାନ ବିଚ଼ାରଧାରା ଓ ଦଳର ସରକାର ଚ଼ାଲିଛି । ତେଣୁ ମହାନଦୀ ଜଳ ବିବାଦ ର ଆପୋଷ ଆଲୋଚ଼ନା ମାଧ୍ୟମରେ ସମାଧାନ ର ରାସ୍ତା ଖୋଲିଛି । ଟ୍ରିପଲ ଇଞ୍ଜିନ ସରକାର ଏହାର ସୁଯୋଗ ନେଇ ଓଡ଼ିଶା ବାସୀ ଓ ମହାନଦୀ କୁ ନ୍ୟାୟ ଦିଅନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି । ଦେଶର ଇତିହାସ କୁ ଦେଖିଲେ କୌଣସି ଜଳ ବିବାଦ ଟ୍ରିବୁନାଲ ନଦୀ ସମସ୍ୟା ର ସମାଧାନ ବାସ୍ତବରେ କରି ପାରିନାହିଁ । କାବେରୀ ନଦୀ ଜଳ ବିବାଦ ଟ୍ରିବୁନାଲ ଏହାର ଜ୍ୱଳନ୍ତ ଉଦାହରଣ । କାବେରୀ ରାସ୍ତାରେ ମହାନଦୀ ଜଳ ବିବାଦ କୁ ନନେବା ପାଇଁ ସେ ଓଡ଼ିଶା ସରକାର , ରାଜନୈତିକ ଦଳ ଓ ସାମାଜିକ ଅନୁଷ୍ଠାନ ମାନଙ୍କୁ ରାଜେନ୍ଦ୍ର ସିଂ ନିବେଦନ କରିଛନ୍ତି । ଓଡ଼ିଶା ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ । ପ୍ରଥମେ ନିଜ ରାଜ୍ୟରେ ଏକ ନଦୀ ନୀତି ଆଣନ୍ତୁ । ରାଜ୍ୟ ଭିତରେ ମଧ୍ୟ ନଦୀର ସୁରକ୍ଷା ଓ ପ୍ରାକୃତିକ, ନିର୍ମଳ ଓ ନିରନ୍ତର ପ୍ରବାହ ପାଇଁ ଦୃଢ ନିଷ୍ପତି ନିଅନ୍ତୁ । ନଦୀର ସୁରକ୍ଷା ପାଇଁ ତିନୋଟି ଜିନିଷ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ । ଅତିକ୍ରମଣ, ପ୍ରଦୂଷଣ ଓ ପ୍ରବାହମାନ ଉପରେ କୌଣସି ସାଲିସ କରାଯିବ। ଅନୁଚ଼ିତ । ନଦୀର ଅବବାହିକା ବା ନଦୀର ଜମିର ଅତିକ୍ରମଣ ରୋକିବା ,ଜଳର ପ୍ରଦୂଷଣ ବନ୍ଦ ଏବଂ ବିଶେଷ କରି ନଦୀର ନିର୍ମଳ ନିରନ୍ତର ପ୍ରବାହକୁ ସୁରକ୍ଷା ପ୍ରଦାନ ସରକାରଙ୍କ ପ୍ରାଥମିକତା ହେବା ଉଚ଼ିତ ବୋଲି ସିଂ କହିଛନ୍ତି । ରାଷ୍ଟ୍ରୀୟ ସ୍ତରରେ ଏହା ଉପରେ ବିଚ଼ାର ବିମର୍ଷ କରିବା ପାଇଁ ସେ ଦିଲ୍ଲୀରେ ମହାନଦୀ ସୁରକ୍ଷା ଉପରେ ଏକ ଦୁଇ ଦିନିଆ ସମ୍ମିଳନୀ ଆୟୋଜନ କରିବାର ଦାୟିତ୍ୱ ନେବେ ବୋଲି ସାମ୍ବାଦିକ ସମ୍ମିଳନୀ ରେ ଘୋଷଣା କରିଥିଲେ । ବର୍ତ୍ତମାନ ଯେହେତୁ ପ୍ରୟାଗରାଜ ରେ ମହା କୁମ୍ଭ ମେଳା ଚ଼ାଲିଛି । ତେଣୁ ଗଙ୍ଗା ନଦୀ କୂଳରେ ମଧ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଏକ ମହାନଦୀ ଆଲୋଚ଼ନା ହେବା ଦରକାର । ଏଥପାଇଁ ସେ ସହଯୋଗ କରିବେ ବୋଲି ମଧ୍ୟ କହିଛନ୍ତି ।

ମହାନଦୀ ବଞ୍ଚାଅ ଆନ୍ଦୋଳନ ର ଆବାହକ ଶ୍ରୀ ସୁଦର୍ଶନ ଦାସ ମହାନଦୀ ବଞ୍ଚାଅ ଆନ୍ଦୋଳନ ଆନ୍ଦୋଳନକୁ ପୁଣିଥରେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ନେବାର ପ୍ରୟାସ କରାଯିବ । ମହାନଦୀ ସହିତ ଓଡ଼ିଶାର ଅନ୍ୟ ନଦୀ ଗୁଡ଼ିକରେ ସମସ୍ୟାକୁ ନେଇ ରାଜ୍ୟରେ ଏକ ବ୍ୟାପକ ଜନ ଆନ୍ଦୋଳନ ଗଢି ତୋଳିବା ପାଇଁ ପ୍ରୟାସ କରାଯିବ ବୋଲି ସେ ଘୋଷଣା କରିଥିଲେ । ଆଜିର ସାମ୍ବାଦିକ ସମ୍ମିଳନୀ ରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡ ବିନାୟକ ରଥ, ପୂର୍ବତନ ବିଧାୟକ ଶ୍ରୀ ଉମାବଲ୍ଲଭ ରଥ,ରେଭେନ୍ସାର ପୂର୍ବତନ ସଭାପତି ଅଜୟ ମିଶ୍ର, ମହାନଦୀ ବଞ୍ଚାଓ ଆନ୍ଦୋଳନ ମୁଖପାତ୍ର ପ୍ରସନ୍ନ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟରେ ପୁଣି ବଢ଼ିବ ଶୀତର ପ୍ରକୋପ ! ଆସନ୍ତା ୩ ଦିନ ବର୍ଷା, ବଙ୍ଗୋପସାଗରରେ ଲଘୁଚ଼ାପ ସୃଷ୍ଟି



ଭୁବନେଶ୍ୱର,୧୯।୧୨(ପି.ଏନ): ଦକ୍ଷିଣ ବଙ୍ଗୋପସାଗରରେ ପୁଣି ଏକ ଲଘୁଚ଼ାପ ବଳୟ ସକ୍ରିୟ ହୋଇଛି । ଲଘୁଚ଼ାପ ପ୍ରଭାବରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି । ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ମେଘୁଆ ପାଗ ରହିବା ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ସୂଚ଼ନା ଦିଆଯାଇଛି । ତେବେ ଲଘୁଚ଼ାପ ପ୍ରଭାବରେ ରାଜ୍ୟରେ ବର୍ଷା ହେବା ସହ ଥଣ୍ଡାର ପରିମାଣ ମଧ୍ୟ ବୃଦ୍ଧି ହୋଇପାରେ । ବର୍ତ୍ତମାନ ରାଜ୍ୟର ଅନେକ ସହରରେ ତାପମାତ୍ରା ୧୦ ଡିଗ୍ରୀରୁ କମ୍ ରହିଥିବା ବେଳେ ଆଗକୁ ବର୍ଷା ଯୋଗୁଁ ଥଣ୍ଡାର ପରିମାଣ ବୃଦ୍ଧି ହେବାର ସମ୍ଭାବନା ରହିଛି ।







## ଟି ଟାଇମ୍

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

# ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାଡ଼ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ସ୍ୱାଗତମ୍: ଅଧାରୁ ପାଠ ଛାଡ଼ିଥିବା ବିଦ୍ୟାର୍ଥୀମାନେ ସ୍କୁଲ୍‌କୁ ଫେରିଲେ




ଭୁବନେଶ୍ୱର (ପିଏନ୍): ମହାମାରୀ କରୋନା ଯୋଗୁଁ ଗତ ଦୁଇଟି ଶିକ୍ଷାବର୍ଷ ବାଧାପ୍ରାପ୍ତ ହୋଇଥିବା ବେଳେ ଅଧାରୁ ପାଠ ଛାଡ଼ିଥିବା କିଛି ବିଦ୍ୟାର୍ଥୀମାନେ ଏବେ ସ୍କୁଲ୍‌କୁ ଫେରିଥିବାର ଜଣାପଡ଼ିଛି। ବିଦ୍ୟାଳୟକୁ ଫେରିଥିବା ବିଦ୍ୟାର୍ଥୀମାନେ ହେଉଛନ୍ତି ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ଥିବା ଛତାବର ଗ୍ରାମପ ।ୟତ ଅଧିନସ୍ଥ କନ୍ଦଲେଇ ଆଦିବାସୀପଲ୍ଲୀର। କରୋନା କାଳରେ ଯେଉଁଭଳି ରୂପେ ପ୍ରତିକୂଳ ପରସ୍ଥିତି ସୃଷ୍ଟି ହୋଇଥିଲା ଗାଁର ଅନେକ ବିଦ୍ୟାର୍ଥୀ ବହି ବସ୍ତାନୀରେ ଡ଼ୋରି ବାନ୍ଧି ଦେଇଥିଲେ। ଉଦ୍‌ବେଗର ବିଷୟ ଡ୍ରପ୍ ଆଉଟ୍ ହାର ବୃଦ୍ଧି ପଛରେ ସର୍ବାଧିକ ଥିଲେ ଅନୁସୂଚିତ ଜନଜାତିବର୍ଗର ବିଦ୍ୟାର୍ଥୀ। ଏନେଇ ଗତ ଦୁଇମାସ ତଳେ ଗାଁରେ ଆରମ୍ଭ କରାଯାଇଥିଲା 'ଆସ ଆମେ ସ୍କୁଲ୍‌କୁ ଯିବା' ସଚେତନତା କାର୍ଯ୍ୟକ୍ରମ। ଗାଁରେ ଉକ୍ତ କାର୍ଯ୍ୟକ୍ରମକୁ ଦୁଇମାସ ଧରି ନିରବଚ୍ଛିନ୍ନ ଓ ନିରନ୍ତର ଭବେ ଚଲୁ ରଖାଯାଇଥିଲା। ଗାଁର ବିକାଶ ନେଇ କାର୍ଯ୍ୟ ଜାରି ରଖିଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚଲୁ ରହିଥିଲା। ଏଥିରେ ସାମାଜିକ କର୍ମୀ, ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ, ପ୍ରଧାନ ଶିକ୍ଷକ, ସ୍ଥାନୀୟ ସରପ , ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସମେତ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ବରିଷ୍ଠ ଅଧିକାରୀ ଏବଂ ଗ୍ରାମବାସୀମାନଙ୍କ ସହଯୋଗ ଯୋଗୁଁ ଏହା ସଫଳ ହୋଇପାରିଛି ବୋଲି ଶ୍ରୀ ସାହୁ କହିଛନ୍ତି। ଦୁଇମାସ ଭିତରେ ଅଭିଭାବକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ବିଦ୍ୟାର୍ଥୀମାନଙ୍କ ଜାତିଗତ ପ୍ରମାଣପତ୍ର ଆବେଦନ କରି ଯୋଗାଡ଼ କରିବା ଏବଂ ବିଦ୍ୟାର୍ଥୀମାନଙ୍କୁ ପାଠ୍ୟ ଉପକରଣ ଇତ୍ୟାଦି ଯୋଗାଇ ଦେବା ପରି କାର୍ଯ୍ୟକ୍ରମ ଏହି ପରିପ୍ରେକ୍ଷୀରେ ହାତକୁ ନିଆଯାଇଥିଲା। ଫଳସ୍ୱରୂପ ବିଦ୍ୟାର୍ଥୀମାନେ ପାଠ ପଢିବା ପାଇଁ ଆଗ୍ରହ ପ୍ରକାଶ କରି ସ୍କୁଲ୍‌କୁ ଫେରିବା ସମ୍ଭବ ହୋଇପାରିଛି। ଗାଁ ନିକଟରେ ଥିବା ଭଗବତୀପୁର ଆଶ୍ରମ ବିଦ୍ୟାଳୟରେ ସେମାନଙ୍କ ନାମ ଲେଖାଯାଇଛି। ବିଦ୍ୟାର୍ଥୀମାନେ ହଷ୍ଟେଲରେ ରହି ପାଠ ପଢିବେ। ଛତାବର ଗ୍ରାମପ ।ୟତର ସରପ ବିଷ୍ଣୁପ୍ରସାଦ ଡ଼େଙ୍ଗ, ସାମାଜିକ କର୍ମୀ ତ୍ରିଲୋଚନ ବେଉରା, ପ୍ରିୟବ୍ରତ ପଣ୍ଡା, ଏବଂ ବିଦ୍ୟାର୍ଥୀମାନଙ୍କ ଅଭିଭାବକମାନଙ୍କ ଉପସ୍ଥିତିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ରାଉତ ବିଦ୍ୟାର୍ଥୀମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମାଜସେବୀମାନଙ୍କର ଏତାଦୃଶ କାର୍ଯ୍ୟକୁ ଅ ଳବାସୀ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିବାର ଜଣାପଡ଼ିଛି।

# କେବେ ? ଦାଦନରୁ ମୁକ୍ତି

**ଶରତ କୁମାର ରାଉତ**

ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ସ୍ୱାଧୀନତା ପରଠାରୁ ଓଡ଼ିଶା ବହୁ ଘାତ ପ୍ରତିଘାତ ଦେଇ ଗତି କରି ଆସିଛି। ଆମ ରାଜ୍ୟରେ ଆମ ଖଣିଜ ସଂପଦର ଉପଯୁକ୍ତ ବିନିଯୋଗ ହୋଇ ପାରୁନଥିବାରୁ ଖୁବ୍ କମ୍ ମୂଲ୍ୟରେ ଆମ ଖଣିଜ ସଂପଦ ବାହାରକୁ ରପ୍ତାନୀ ହୋଇ ସେଠାରେ ଅର୍ଥନୈତିକ ଅଭିବୃଦ୍ଧି ହେବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ଅନେକ ବର୍ଷ ତଳୁ କେତେକ ବୃହତ୍ କମ୍ପାନୀ ଆମ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗେଇ ଆସୁଛନ୍ତି। କଳିଙ୍ଗନଗର ଶିଳ୍ପ ପ୍ରକଳ୍ପ ଭଳି ସାରା ରାଜ୍ୟରେ ବ୍ୟାପକ ଶିଳ୍ପ ପ୍ରସାର ଓଡ଼ିଶା ପ୍ରଗତିର ସଂକେତ ହୋଇଛି। ରାଜ୍ୟର ଉପକୂଳରେ ଗୋଟିଏ ପରେ ଗୋଟିଏ ବନ୍ଦର ପ୍ରତିଷ୍ଠା, ପର୍ଯ୍ୟଟନ ଶିଳ୍ପର ଦ୍ରୁତ ବିକାଶ, କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ, ରାସ୍ତାଘାଟର ନବୀକରଣ-ନିର୍ମାଣ ଭଳି ବହୁ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ, ସେତୁ ନିର୍ମାଣ ଭଳି ଗମନାଗମନର ଅଭୂତପୂର୍ବ ବିକାଶ, ଆଇନକାନୁନ୍ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଉନ୍ନତି ପାଇଁ ବିଭିନ୍ନ ଅଭିନବ ଯୋଜନା ପ୍ରଣୟନ କରାଯାଇଛି। ତଥାପି ଓଡ଼ିଶାର ଲୋକେ ଗରିବ ! ଦେଶ ବିଦେଶରେ ଦାଦନ ଶ୍ରମିକ ! ତେବେ କ'ଣ ଓଡ଼ିଶା ଓ ଓଡ଼ିଆ ମଣିଷର ବିକାଶ ହେବନି କି ସେ ଦାଦନ ଶ୍ରମିକରୁ ମୁକ୍ତି ପାଇବନି ?..... .

ଆମ ରାଜ୍ୟରେ ଯାହା ବିକାଶ ହୋଇଛି, ଭାରତର ଅନ୍ୟାନ୍ୟ ପ୍ରଦେଶରେ ଏହାଠାରୁ ଅଧିକ ବିକାଶ ହୋଇଛି। ଆମେ ବିକାଶ ଦୌଡ଼ରେ ବହୁ ପଛରେ ପଡ଼ିଥିବା ବୁଦ୍ଧିଜୀବୀ ମାନେ କହୁଛନ୍ତି। ଯଦିଓ ଆମ ରାଜ୍ୟରେ ଦାରିଦ୍ର୍ୟ ହଟିଥାନ୍ତା ଓ ମୁଣ୍ଡପିଛା ଆୟ ବଢିଥାନ୍ତା ବା ଭଲ ରୋଜଗାର ସୃଷ୍ଟି ହୋଇଥାନ୍ତା, ତେବେ ଲକ୍ଷ ଲକ୍ଷ ଓଡ଼ିଆ ମଣିଷ ବାହାରେ ଦାଦନ ଶ୍ରମିକ ହୋଇ ନିର୍ଯ୍ୟାତିତ ହୋଇ ନଥାନ୍ତେ ! ଆଜି ମହାମାରୀ କରୋନା ଓଡ଼ିଶା ଓ ଓଡ଼ିଆର ପ୍ରକୃତ ଅବସ୍ଥାକୁ ସାମ୍ନାକୁ ଆଣିଛି। ରାଜ୍ୟର ପ୍ରାୟ ଅଧା ମଣିଷମାନେ ଯେ ଦେଶ ବିଦେଶରେ କାମ କରି ନିଜ ଗୁଜୁରାଣ ମେଂଟାଉଛନ୍ତି, ତାହା ଏବେ ଜଣାପଡୁଛି। ରାଜ୍ୟର ପ୍ରତି ଘରୁ ୩/୪ ଜଣ ବାହାରେ। ସେମାନଙ୍କ ମଧ୍ୟରେ ପ୍ରାୟ ୯୮ ଭାଗ ଦାଦନ ଶ୍ରମିକ। କରୋନା ମାଡ଼ରେ ଶତାଧିକ ଟ୍ରେନ୍ ଓ ବସ୍‌ରେ ସେହି ଶ୍ରମିକ ମାନେ ଆମ ରାଜ୍ୟକୁ ଫେରି ଆସିଥିଲେ ମଧ୍ୟ ସମସ୍ତେ ଆସିନାହାନ୍ତି। ସବୁଥର ଶ୍ରମିକମାନଙ୍କୁ ନେଇ ଆମ ରାଜ୍ୟରେ ଟ୍ରେନ୍ କି ବସ୍ ପହଂଚିଲେ, ସମସ୍ତେ ଆସିଗଲେ ବୋଲି ଲାଗେ। କିନ୍ତୁ ନା ? ତଥାପି ଫେରିବାରେ ଲାଗିଛନ୍ତି। ଫେରିବା କେତେଦିନ ଚାଲିବ, ଜଣାନାହିଁ। ଫେରିଥିବା ଲୋକେ ଓ ଏପର୍ଯ୍ୟନ୍ତ ଫେରିନଥିବା ଲୋକଙ୍କ ସଂଖ୍ୟା କେତେ ଲକ୍ଷ କି କେତେ କୋଟି ଜଣାପଡୁନାହିଁ। କରୋନା ଯୋଗୁ କାମ ବନ୍ଦ ହୋଇଯିବାରୁ ସେମାନେ ପେଟକୁ ମୁଠାଏ ଦାନା ନପାଇ ଡ଼ହଳ ବିକଳ ହେଉଛନ୍ତି। ସେମାନଙ୍କର ଆର୍ତ ଚିତ୍କାର ସାରା ଦେଶରେ ପ୍ରକମ୍ପିତ ହେଉଛି।

ବାସ୍ତବରେ କ'ଣ ଓଡ଼ିଶା ଦରିଦ୍ର ?....ନା' କଦାପି ନୁହେଁ !... ଓଡ଼ିଶା ପ୍ରାକୃତିକ ସଂପଦଭରା ରାଜ୍ୟ। ପ୍ରଚୁର ଖଣିଜ ସଂପଦ ଭରି ରହିଛି ଏଠାରେ। ରାଜ୍ୟରେ ବ୍ୟାପକ ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଥିବା ବେଳେ ପର୍ଯ୍ୟାପ୍ତ ଜଙ୍ଗଲ ସଂପଦ, ମତ୍ସ୍ୟ ସଂପଦ, ଜଳସଂପଦ ଓ ଶହେଭାଗ ଉର୍ବର ଚାଷ ଜମି ରହିଛି। ରାଜ୍ୟରେ ବୌଦ୍ଧିକ ସଂପଦ ଓ ପ୍ରତିଭାର ଅଭାବ ନାହିଁ। ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ଭାଷା-ସାହିତ୍ୟ ଦେଶ ବିଦେଶରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି। ଓଡ଼ିଆଙ୍କର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ସାରା ବିଶ୍ୱରେ ଖ୍ୟାତ। ଓଡ଼ିଶା ମନ୍ଦିରମାଳିନୀ ରାଜ୍ୟ ଭାବେ ସର୍ବବିଦିତ। କଠିନ ପରିଶ୍ରମ କରିବାରେ ମଧ୍ୟ ଓଡ଼ିଆ ଅନ୍ୟ ରାଜ୍ୟବାସୀଙ୍କ ତୁଳନାରେ କିଛି କମ୍ ନୁହଁନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଭାରତରେ ଗଚ୍ଛିତ ବିଭିନ୍ନ ବହୁମୂଲ୍ୟ ଖଣିଜ ସଂପଦର ପ୍ରାୟ ୨୫ ଭାଗ କେବଳ ଆମ ରାଜ୍ୟରେ ଗଚ୍ଛିତ ଅଛି। ଏଠାରେ କ୍ରୋମାଇଟ୍, ବକ୍ସାଇଟ୍, ଲୁହାପଥର, ମାଙ୍ଗାନିଜ୍, କୋଇଲା, ନିକେଲ ଆଦି ଏତେ ପରିମାଣର ଗଚ୍ଛିତ ଅଛି ଯେ ଆମ ଦେଶ ଓ ବିଦେଶ ଆମ ରାଜ୍ୟ ଉପରେ ନିର୍ଭର କରନ୍ତି। ରାଜ୍ୟରେ ୭୯ ଲକ୍ଷ ହେକ୍ଟର କୃଷି ଉପଯୋଗୀ ଜମି ରହିଛି। ଏଥିରୁ ମାତ୍ର ୪୫ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ଓ ୧ ଲକ୍ଷ ୬୫ ହଜାର ହେକ୍ଟର ଜମିରେ ଅର୍ଥକାରୀ ଫସଲ ହେଉଛି। ଅନ୍ୟପକ୍ଷରେ ପ୍ରାୟ ୧୧.୫ ଲକ୍ଷ ହେକ୍ଟର ଚାଷ ଜମି ଜଳସେଚିତ ହୋଇଥିବା ବେଳେ ବାକି ଜମି ଜଳସେଚିତ ହୋଇନାହିଁ। ପାଖାପାଖି ୫ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ସମ୍ଭବ ନୁହେଁ। ସେହିପରି ଆମ ରାଜ୍ୟରେ ଥିବା ୪୮୦ କି.ମି. ସୁଦୀର୍ଘ ମନୋରମ ସମୁଦ୍ର ଉପକୂଳ ଓ ଏସିଆ ମହାଦେଶର ସର୍ବବୃହତ୍ ଲବଣାକ୍ତ ହ୍ରଦ ଚିଲିକା ରାଜ୍ୟର ଗୌରବ ବହନ କରୁଛି। ବିଶ୍ୱବିଖ୍ୟାତ ଭିତରକନିକା ଅଭୟାରଣ୍ୟ, ଦୁର୍ଲଭ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କ ଏନ୍ତୁଡ଼ିଶାଳ, କୁମ୍ଭୀର ପ୍ରଜନନ କେନ୍ଦ୍ର, ବିଶାଳ ସାମୁଦ୍ରିକ ଅଭୟାରଣ୍ୟ, ହେନ୍ତାଳ ବଣ ଆଦି ଓଡ଼ିଶାର ଗର୍ବ ଓ ଗୌରବ। ମାତ୍ର ଓଡ଼ିଶାରେ ସବୁକିଛି ଥିବା ସତ୍ତ୍ୱେ ଓଡ଼ିଶା ଦରିଦ୍ର ବୋଲି କୁହାଯାଇ ଆସୁଛି। ଓଡ଼ିଶା ଭାରତର ସବୁଠୁ ପଛୁଆ ଓ ଅବହେଳିତ ରାଜ୍ୟ। ଏଠାରେ ଦାରିଦ୍ର୍ୟର ଉତ୍ପାତ ବେଶୀ। ଦିନେ ଓଡ଼ିଶାର ଅନାହାର ମୃତ୍ୟୁ ଖବର ବିଶ୍ୱବାସୀଙ୍କୁ ସ୍ତବ୍ଧ କରିଥିଲା। ଅଧିକାଂଶ ଶିଶୁ ପୁଷ୍ଟିହୀନତାର ଶିକାର। ଶିଶୁ ଓ ମାତୃ ମୃତ୍ୟୁହାର ସର୍ବାଧିକ...ଇତ୍ୟାଦି।

ଆମ ରାଜ୍ୟ ସରକାର ଆମ ଶ୍ରମିକମାନଙ୍କୁ କର୍ମନିଯୁକ୍ତି ଦେଇପାରିବାର ବ୍ୟାପକ ସୁଯୋଗ ରହିଛି। ଏକ ସମୀକ୍ଷାରୁ ଜଣାପଡ଼େ ଯେ, ଓଡ଼ିଶାରେ ୨୪୬୧ଟି ବୃହତ, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ କାର୍ଯ୍ୟକ୍ଷମ ରହିଛି। ଏଗୁଡ଼ିକ ପ୍ରାୟତଃ ଖଣିଜ ସଂପଦଭିତିକ ଶିଳ୍ପ। ମୁଖ୍ୟତଃ କଂଚାମାଲ୍ (ଖଣିଜ ସଂପଦ)କୁ ଦରକାରୀ ଦ୍ରବ୍ୟରେ ପରିଣତ କରାଯିବା ଶିଳ୍ପ ଓ ପଥର ଖଣିଭିତିକ ଶିଳ୍ପ ଓଡ଼ିଶାରେ ଆଗ ଧାଡ଼ିରେ ରହିଛନ୍ତି। ଏଥିସହ ବିଜୁଳି ଶିଳ୍ପ ସମେତ ଗ୍ୟାସ୍, ପାଣି ଯୋଗାଣ, କୃଷି, ପର୍ଯ୍ୟଟନ, ମତ୍ସ୍ୟ ଆଦି ଶିଳ୍ପ ରହିଛି। ଏହାଛଡ଼ା ବ୍ରଜରାଜନଗରର ଓରିଏଂଟ ପେପର ମିଲ୍ ଭଳି ଚୌଦ୍ୱାର ଓ ଅନ୍ୟାନ୍ୟ ସ୍ଥାନରେ ବନ୍ଦ ହୋଇଯାଇଥିବା ଶିଳ୍ପସଂସ୍ଥାର ପୁନଃଉଦ୍ଧାର ଆବଶ୍ୟକ। ବହୁ ବଡ଼ବଡ଼ ଶିଳ୍ପ ସଂସ୍ଥା ରୁଗ୍ଣ ଅବସ୍ଥାରେ ରହିଥିବାବେଳେ କୁଟୀର ଶିଳ୍ପ ପ୍ରାୟତଃ ବନ୍ଦ ହୋଇଯାଇଛି। ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବା ଉଚିତ। ସେଥିରେ ଓଡ଼ିଆ ଲୋକମାନଙ୍କୁ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା କରାଗଲେ, ସେମାନେ ଦେଶ-ବିଦେଶକୁ ଯାଆନ୍ତେ ନାହିଁ। ଓଡ଼ିଶାରେ କାର୍ଯ୍ୟକ୍ଷମ ଶିଳ୍ପସଂସ୍ଥାଗୁଡ଼ିକରେ ଏବେ ଲକ୍ଷ ଲକ୍ଷ ଲୋକେ କାର୍ଯ୍ୟ କରୁଛନ୍ତି ସିନା, ହେଲେ ସେମାନଙ୍କ ମଧ୍ୟରେ ଓଡ଼ିଆ ଲୋକଙ୍କ ସଂଖ୍ୟା ଅତି ନଗଣ୍ୟ। ବାସ୍ତବତା ହେଲା, ଓଡ଼ିଆ ଲୋକଙ୍କୁ ଏଠାରେ ନିଯୁକ୍ତି ମିଳୁନି। ଓଡ଼ିଆ ଲୋକେ କାମ ପାଇଁ ଦେଶ-ବିଦେଶକୁ ଯାଉଛନ୍ତି। ସେଠାରେ ନିର୍ଯ୍ୟାତିତ ହେଉଛନ୍ତି। କରୋନା ରୋଗ ଏହାର ମୂକସାକ୍ଷୀ ହୋଇଛି। ଏହାର ବ୍ୟାପକ ସମୀକ୍ଷା ହେବାର ଆବଶ୍ୟକତା ରହିଛି। ରାଜ୍ୟର କାର୍ଯ୍ୟକ୍ଷମ ଶିଳ୍ପସଂସ୍ଥା, ବନ୍ଦ ବା ରୁଗ୍ଣ ଥିବା ଶିଳ୍ପସଂସ୍ଥା ଓ କୁଟୀର ଶିଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରି ସେଥିରେ ଓଡ଼ିଆ ଲୋକମାନଙ୍କୁ ନିଯୁକ୍ତି ଦିଆଗଲେ, ଆଉ ଆମକୁ ଆଜିର ଅବସ୍ଥା ଦେଖିବାକୁ ପଡ଼ିବନି। ଏଥିପାଇଁ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ଉଚିତ। ଓଡ଼ିଆ ଏବଂ ଓଡ଼ିଶାର ବିକାଶ ପାଇଁ ପ୍ରକୃତରେ ରାଜ୍ୟ ସରକାରଙ୍କର ଆନ୍ତରିକତାର ଆବଶ୍ୟକତା ରହିଛି। ଅନେକ କେନ୍ଦ୍ରୀୟ ଯୋଜନାରେ ସିନା ଗମନାଗମନ, ସ୍ୱାସ୍ଥ୍ୟସେବା ଭଳି କେତେକ କ୍ଷେତ୍ରରେ ଉନ୍ନତି ହୋଇଛି, ହେଲେ ଓଡ଼ିଆ ମଣିଷର ଅର୍ଥନୈତିକ ଓ ସାମାଜିକ ଅବସ୍ଥାରେ ପରିବର୍ତ୍ତନ ଆସିନାହିଁ। ଲୋକଙ୍କୁ ନିଯୁକ୍ତି ଓ ସେମାନଙ୍କର ରୋଜଗାର ବୃଦ୍ଧି ସରକାରଙ୍କର ପ୍ରଧାନ ଦାୟିତ୍ୱ। ଚାଷୀଙ୍କର ଆୟ ବୃଦ୍ଧି ଓ ଜଳସେଚନର ସୁବ୍ୟବସ୍ଥା ଆବଶ୍ୟକ। ଏହା ଚିନ୍ତା କରାଯିବା ଉଚିତ। ଟଙ୍କିକିଆ ଚାଉଳ, ଆହାର ଯୋଜନା, ନିରାମୟ ଯୋଜନା ଆଦି ବେକାରୀ ସମସ୍ୟାର ସମାଧାନ ନୁହେଁ।

# ଓଡିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ବାଲେଶ୍ୱର ଜିଲ୍ଲା ଗସ୍ତ



ବାଲେଶ୍ୱର (ପିଏନ୍)- ଓଡିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ଏକ ତିନିଜଣିଆ ଟିମ୍ ବାଲେଶ୍ୱର ଜିଲ୍ଲା ଗସ୍ତ କରି ଖାଦ୍ୟ ସୁରକ୍ଷା ଆଇନର କାର୍ଯ୍ୟାନ୍ୱୟନ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ସିନ୍ଧେ ଏହି ଟିମକୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ ଖାଦ୍ୟ ସୁରକ୍ଷାର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଆୟୋଗର ଅଧ୍ୟକ୍ଷ ଶ୍ରୀ ପ୍ରମୋଦ କୁମାର ମେର୍କାପ, ସଦସ୍ୟା ସଚିବ ଶ୍ରୀମତୀ ଶିବାନୀ ମହାନ୍ତି ଏବଂ ପ୍ରଶାସନିକ ଅଧିକାରୀ ଶ୍ରୀ ସମରେନ୍ଦ୍ର ଷଡଙ୍ଗୀ ଏହି ଗସ୍ତରେ ସାମିଲ ଥିବା ବେଳେ ଅଧ୍ୟକ୍ଷ ଶ୍ରୀ ମେର୍କାପ ତାଙ୍କ ଜିଲ୍ଲା ଗସ୍ତର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଜିଲ୍ଲାର ପ୍ରାୟ ୭୯ ପ୍ରତିଶତ ଅଧିବାସୀଙ୍କୁ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ କରାଯାଇଥିବାବେଳେ ଜନସାଧାରଣ ଠିକ୍ ସମୟରେ ଖାଦ୍ୟସାମଗ୍ରୀ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ଆୟୋଗ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ଅନୁରୂପ ଭାବେ ସମନ୍ୱିତ ଶିଶୁ ବିକାଶ ଯୋଜନା, ପୁଷ୍ଟି ପୁନର୍ବାସ କେନ୍ଦ୍ର ପରିଚାଳନା, ପୋଷଣ ଅଭିଯାନ, ମମତା ଯୋଜନା ଓ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନ ଭୋଜନ ପ୍ରଦାନର ସ୍ଥିତି ଇତ୍ୟାଦି ସମ୍ପର୍କରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଗର୍ଭବତୀ ମହିଳାମାନଙ୍କୁ ସ୍ୱାସ୍ଥ୍ୟର ଯତ୍ନ ସମ୍ପର୍କରେ ସଚେତନ କରିବା, କିନ୍ନରମାନଙ୍କୁ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ କରିବା, ଅପପୁଷ୍ଟି ଜନିତ ସମସ୍ୟାର ମୁକାବିଲା ପାଇଁ ପଦକ୍ଷେପ ଗ୍ରହଣ କରିବା, ସ୍କୁଲମାନଙ୍କରେ ଜାତୀୟ ଆଇରନଯୁକ୍ତ ଉପକ୍ରମକୁ କାର୍ଯ୍ୟକାରୀ କରିବା, ସାଧାରଣ ବଂଟନ ବ୍ୟବସ୍ଥାରେ ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ ନେଇଥିବା କାର୍ଯ୍ୟାନୁଷ୍ଠାନ, ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ସୁବିଧା ଇତ୍ୟାଦି ସମ୍ପର୍କରେ ବୈଠକରେ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ । କୋଭିଡ୍ ପରବର୍ତୀ ସମୟରେ ଏବେ ସ୍ଥିତି ସ୍ୱାଭାବିକ ହୋଇଥିବା ବେଳେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବାକୁ ଆୟୋଗର ଅଧ୍ୟକ୍ଷ ଶ୍ରୀ ମେର୍କାପ ଗୁରୁତ୍ୱାରୋପ କରିଥିଲେ । ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କିତ ଏକ ପୁସ୍ତିକାକୁ ସେ ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସିନ୍ଧେ ଓ ଅନ୍ୟ ଅଧିକାରୀମାନଙ୍କୁ ପ୍ରଦାନ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଦୁଲାଳସେନ ଜଗଦ୍ଦେବ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବିଷ୍ଣୁଚରଣ ସୂତାର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୁନ୍ତଳା କୁମାର ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅପରାହ୍ନରେ ଆୟୋଗର ଏହି ଟିମ୍ କ୍ଷେତ୍ର ପରିଦର୍ଶନରେ ଯାଇ ଜିଲ୍ଲାର ସଦର, ରେମୁଣା ଓ ନୀଳଗିରି ବ୍ଲକର କିଛି ଅଂଚଳ ବୁଲିବା ସହିତ ଅଙ୍ଗନୱାଡି କେନ୍ଦ୍ର, ପୁଷ୍ଟି ପୁନର୍ବାସ କେନ୍ଦ୍ର ଓ ସରକାରୀ ସୁଲଭ ମୂଲ୍ୟ ଦୋକାନ ଇତ୍ୟାଦି ଯାଂଚ କରିଥିଲେ ।

# ୨ ବଲେରୋ ଜବତ୍, ଜଣେ ଗିରଫ



କେନ୍ଦୁଝର (ପିଏନ୍): କେନ୍ଦୁଝର ଟାଉନ ଥାନା ଅ ଳରେ ଚୋରୀ ହୋଇଥିବା ୨ଟି ବଲେରୋ ଗାଡି ପୋଲିସ ଜବତ୍ କରିବା ସହ ଏହି ଘଟଣାରେ ଜଡିତ ଜଣେ ଚୋରକୁ ଗିରଫ କରିଛି। ଗିରଫ ବ୍ୟକ୍ତିଙ୍କ ନାମ ଭଉଦିନ ଖାନ (୨୯) ଏବଂ ତାଙ୍କ ଘର ଭଦ୍ରକ ଜିଲ୍ଲା ପୁରୁଣା ବଜାର ନନଘା ମହାଲ ଗ୍ରାମରେ ବୋଲି ଜଣାପଡିଛି। ୨୦୨୦-୨୧ ଏବଂ ୨୦୨୧-୨୨ ମସିହାରେ ଭଉଦିନ ଖାନ ଏବଂ ତାଙ୍କ ଗ୍ୟାଙ୍ଗରେ ସାମିଲ ଥିବା ଅନ୍ୟମାନେ କେନ୍ଦୁଝର, ଯାଜପୁର ଏବଂ ଅନ୍ୟ ଜିଲ୍ଲାରେ ବହୁ ମୋଟର ସାଇକେଲ ଏବଂ ବଲେରୋ ଗାଡି ଚୋରୀ କରିଥିବା ସ୍ୱୀକାର କରିଛନ୍ତି। ଭଉଦିନ ଖାନର ଭଦ୍ରକରେ ଗ୍ୟାରେଜ ଥିବାରୁ ଗାଡି ଚୋରୀ ପରେ ଏହାର ପାର୍ଟସ ଖଣ୍ଡ ଖଣ୍ଡ କରି ବିକ୍ରୀ କରିବା ସହ ଗାଡିର ଚେଚିସ ନମ୍ବର ଟ୍ୟାମ୍ପରିଂ କରୁଥିବା ସ୍ୱୀକାର କରିଛନ୍ତି। ଗତ କିଛିଦିନ ଏକ ମୋଟର ସାଇକେଲ ଗ୍ୟାଙ୍ଗ ଧରାପଡିବା ପରେ ଟାଉନ ପୋଲିସ ଏହି ଗ୍ୟାଙ୍ଗର ସୂଚନା ପାଇଥିଲା। ୦୫/୦୬/୨୦୨୨ରେ କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଏଲଆଇସି କଲୋନୀରେ ତରଣୀସେନ ପ୍ରଧାନଙ୍କ ଓଡି ୩୩ ୫୧୦୨ ନମ୍ବର ଏକ



ବଲେରୋ ଗାଡି ଚୋରୀ ହୋଇଥିଲା। ୦୯/୦୬/୨୦୨୨ ବିଳମ୍ବିତ ରାତିରେ କେନ୍ଦୁଝର ଟାଉନ ଥାନା ଜଗନ୍ନାଥପୁରରେ ପ୍ରକାଶ କୁମାର ନାୟକଙ୍କ ଏକ ବଲେରୋ ଗାଡି ନଂ. ଓଆର ୦୯ ଏନ ୬୫୧୨ ଗାଡି ଚୋରୀ ହୋଇଥିଲା। ୧୦ ତାରିଖ ଦିନ ସକାଳେ ଘର ସମ୍ମୁଖ ପାର୍କିଂ ସ୍ଥାନରେ ଗାଡି ନଥିବା ଦେଖି ପ୍ରକାଶ କୁମାର ନାୟକ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଦୁଇଟି ଚୋରୀ ଘଟଣାରେ ୨ଟି ମାମଲା ରୁଜୁ କରି ଘଟଣାର ମାଷ୍ଟର ମାଇଣ୍ଡ ଭଉଦିନ ଖାନକୁ ଗିରଫ କରିଛି। ଏହି ଗ୍ୟାଙ୍ଗ ସହ ଜଡିତ ଥିବା ସୋମନାଥ ପୁହାଣ ଏବଂ ଅରବିନ୍ଦ ଓଝାଙ୍କୁ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା କେସ ନଂ ୧୩୫/୨୦୨୨ରେ ଏକ ମାମଲା ରୁଜୁ କରି ଗିରଫ କରିବା ସହ ଏକ ବଲେରୋ ଗାଡି ଜବତ୍ କରିଛି। ଚୋରୀ ଘଟଣାରେ ଫେରାର ଥିବା ଅନ୍ୟମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଟାଉନ ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ କହିଛନ୍ତି।

# ଜାରକା ଗଳିପୋଲ ବନ୍ଦ ଯୋଗୁ ବ୍ୟବସାୟୀ ହତାଶ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ୧୬ ନଂ ଜାତୀୟ ରାଜପଥ ଜାରକା ଛକ ଠାରେ ଥିବା ଗଳିପୋଲ ବନ୍ଦ କରି ଦିଆଯିବା ଫଳରେ ବ୍ୟବସାୟୀମାନେ ହତାଶ ହୋଇପଡିଛନ୍ତି । ସୂଚନାଯୋଗ୍ୟ ଯେ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ବିଗତ ୨ ବର୍ଷ ହେଲା ଜାରକା ଠାରେ ଏକ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଇଛି । ସେହିପରି ପୁର୍ବରୁ ଜାରକା ବଡବଜାର ଓ ମେନମାର୍କେଟକୁ ଯାତାୟତ ପାଇଁ ରହିଥିବା ଗଳିପୋଲକୁ ଭାଙ୍ଗି ଦିଆଯାଇ ସେଠାରେ ଏକ ବଡ ଗଳିପୋଲ ନିର୍ମାଣ କରାଯାଇଛି । ଏହା ମଧ୍ୟରେ ଉଭୟ ଫ୍ଲାଇ ଓଭର ଓ ଗଳିପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଯାଇଥିବା ବେଳେ ଏହାର ସଂଯୋଗୀକରଣ ରାସ୍ତା ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ପ୍ରତ୍ୟେହ ହଜାର ହଜାର ସଂଖ୍ୟାରେ ଗାଡି ଗୁଡିକ ବାଇପାସ ରାସ୍ତା ଦେଇ ଯାତାୟତ କରୁଛି । ଅନ୍ୟପଟେ ଜାରକାର ପ୍ରମୁଖ ୨ ଗୋଟି ବଜାର ରାସ୍ତାର ଉଭୟ ପାର୍ଶ୍ୱରେ ରହିଥିବା ବେଳେ ଲୋକେ ଯାତାୟତ କରିବାକୁ ଅସୁବିଧା ଭୋଗୁଛନ୍ତି । ସେହିପରି ଜାରକା ଠାରେ ବ୍ଲକ କାର୍ଯ୍ୟାଳୟ, ୨ ଗୋଟି କଲେଜ ସ୍କୁଲ ରହିଥିବା ବେଳେ ପ୍ରତ୍ୟେହ ହଜାର ହଜାର ସଂଖ୍ୟାରେ ଲୋକେ ବିଭିନ୍ନ କାମ ପାଇଁ ଜାରକା ବଜାର ଆସିଥାନ୍ତି । ହେଲେ ଏଠାରେ ଥିବା ଗଳି ପୋଲଟି ବନ୍ଦ ରହିଥିବାରୁ ଲୋକେ ଦୂର ରାସ୍ତା ଦେଇ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି । ଜାରକାରେ ଥିବା ଗଳିପୋଲ ଦେଇ ଯାତାୟାତ ଦୀର୍ଘ ବର୍ଷ ଧରି ବନ୍ଦ ରହିଥିବାରୁ ଜାରକା ଛକଠାରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ରହିଥିବା ବ୍ୟବସାୟୀମାନେ ବ୍ୟବସାୟ କରିବାରୁ ବଂଚିତ ହେଉଛନ୍ତି । ଜାରକାର ବଡବଜାର ଓ ମେନ ମାର୍କେଟରେ ବଡ ବଡ ବ୍ୟବସାୟ ପ୍ରତିଷ୍ଠାନ ରହିଥିବା ବେଳେ ଗଳି ପୋଲ ବନ୍ଦ ରହିବାରୁ ଲୋକେ ଉଭୟ ମାର୍କେଟକୁ ଯିବା ଆସିବାରେ ଅସୁବିଧା ହେତୁ ବ୍ୟବସାୟିକ ପ୍ରତିଷ୍ଠନଗୁଡିକ କ୍ଷତିରେ ଚାଲୁଥିବା ଅଭିଯୋଗ ହୋଇଛି । ରଜ ସମୟରେ ତିନିଦିନ ପାଇଁ ଏହି ଗଳି ପୋଲ ଦେଇ ଯାତାୟାତ କରିବା ପାଇଁ ବ୍ୟବସାୟୀମାନେ ପୁଲିସକୁ ଅନୁରୋଧ କରିଥିଲେ । ପୁଲିସର ସହଯୋଗ କ୍ରମେ ଉଭୟ ବଜାରର ବ୍ୟବସାୟୀମାନେ ନିଜସ୍ୱ ଖର୍ଚ୍ଚରେ ଲୋକମାନଙ୍କ ସୁରକ୍ଷା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ୨ ଜଣ ଜଗୁଆଳି ରଖି ଯାତାୟାତ ବ୍ୟବସ୍ଥା କରିଥିଲେ । ହେଲେ ରଜ ପରେ ଏହି ଗଳିପୋଲକୁ ପୁଣି ବନ୍ଦ କରି ଦିଆଯିବାରୁ ଉଭୟ ବଜାରର ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ଯଥାଶୀଘ୍ର ଗଳିପୋଲ ରାସ୍ତାରେ ଯାତାୟାତ ବ୍ୟବସ୍ଥା କରାଇବାକୁ ଜାରକା ବଜାରର ଉଭୟ ବଡବଜାର ଓ ମେନ ମାର୍କେଟର ବ୍ୟବସାୟୀମାନେ ଦାବି କରିଛନ୍ତି । ଯଦି ଏହାକୁ ଚାଲୁ କରା ନ ଯାଏ, ତେବେ ବ୍ୟବସାୟୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ବୃକ୍ଷର ସୁରକ୍ଷା ପାଇଁ ଚିତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ମନର କଥା ଜଣାଇଲେ କୁନି ଚିତ୍ରଶିଳ୍ପୀ

ଭୁବନେଶ୍ୱର (ପିଏନ୍): ଜୁନ୍ ମାସ ୫ ତାରିଖରେ ବିଶ୍ୱ ପାଳିଛି ପରିବେଶ ଦିବସ। ଏହି ଦିବସ ପାଳନ ଅବସରରେ ରାଜଧାନୀ ଭୁବେନଶ୍ୱରର ପୋଖରୀପୁଟ ଅ ଳରେ ରହୁଥିବା ଜଣେ ୭ ବର୍ଷର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ବୃକ୍ଷର ସୁରକ୍ଷା ଉଦ୍ଦେଶ୍ୟରେ ନିଜ ମନର କଥାକୁ ଚିତ୍ର ମାଧ୍ୟମରେ ବଖାଣି ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶାନ୍ତନୁ ନିଜ ପିତାଙ୍କ ସ୍ମାର୍ଟଫୋନ୍ ସାହାଯ୍ୟ ନେଇ, ଗୁଗୁଲ୍‌କୁ ଯାଇ ଖୋଜିଛନ୍ତି ଟ୍ରି-ଟ୍ରାନ୍ସପ୍ଲାଣ୍ଟର ମେସିନ୍‌ର ଛବି। ଏହି ଟ୍ରି-ଟ୍ରାନ୍ସପ୍ଲାଣ୍ଟର ମେସିନ୍ ଛବିକୁ ଦେଖି ଡ୍ରଇଁସିଟ୍‌ରେ ବିଭିନ୍ନ ରଙ୍ଗ ଦେଇ ଆଙ୍କିଛନ୍ତି ଏହି ଅତ୍ୟାଧୁନିକ ବୃକ୍ଷ ସ୍ଥାନାନ୍ତରୀ କୌଶଳ ଯନ୍ତ୍ର। ଏ ସମ୍ପର୍କର ଶାନ୍ତନୁ କୁହନ୍ତି-ଏହି ଚିତ୍ରଟି ଆଙ୍କିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗଛକୁ ନ କାଟି ଆମେ ଏହି ମେସିନ୍ ସାହାଯ୍ୟରେ ଅନ୍ୟତ୍ର ସ୍ଥାନାନ୍ତରିତ କରି ପୁଣିଥରେ ଲଗାଇ ପାରିବା। ଆମ ପରିବେଶ ବି ସୁରକ୍ଷା ରହିପାରିବ। ଯଦି ଆମେ ବିକାଶ ନାଁରେ ଗଛ କାଟି ଚଲିବା ତେବେ ଆମ ପରବର୍ତ୍ତୀ ପିଢୀକୁ ଅମ୍ଳଜାନ ମିଳିବ ନାହିଁ। ବର୍ଷା ହେବନି। ନଦୀ, ନାଳ, ପୋଖରୀ ଇତ୍ୟାଦିରୁ ପାଣି ଶୁଖିଯିବ। ଦ୍ୱିତୀୟରେ ଆମ ରାଜ୍ୟ ଓଡ଼ିଶା ବର୍ଷର ଅନେକ ସମୟରେ ଗୁଡ଼ାଏ ପ୍ରାକୃତିକ ଦୁର୍ବିପାକକୁ ସାମ୍ନା କରିଥାଏ। ପ୍ରାକୃତିକ ଦୁର୍ବିପାକ ପ୍ରଭାବରେ ଅନେକ ବୃକ୍ଷ ଉପୁଡ଼ିଯାଇ ଭୂଇଁ ତଳେ ଲୋଟି ପଡ଼ିଥାଏ। ସେହି ଲୋଟି ପଡ଼ିଥିବା ଗଛଟିକୁ ପୁଣିଥରେ ସହଜରେ ଏହି ମେସିନ ଦ୍ୱାରା ରୋପଣ ବି କରିପାରିବା। ଶାନ୍ତନୁ ଚିତ୍ରଟିର ଉପର ଅଂଶରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଇଂରାଜୀ ଭାଷାରେ ଲେଖିଛନ୍ତି- 'ଟୁ', ଆଓ୍ୱାର ଲଭିଂ ଆଣ୍ଡ୍ ଅନରେବଲ୍ ଚିଫ୍ ମିନିଷ୍ଟର ଅଫ୍ ଓଡ଼ିଶା। କ୍ରାଇଂ ଫର୍ ପ୍ରୋଟେକ୍‌ସନ ଆଇ କମ୍ ଟୁ ୟୁ : ସେଭ୍ ହ୍ୟୁମାନିଟି ବାଏ ସେଭିଂ ଟ୍ରିଜ୍। ସୂଚନାଯୋଗ୍ୟ, ଶାନ୍ତନୁ ଏବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅରିଶଳର ଦ୍ୱିତୀୟ ଶ୍ରେଣୀର ଛାତ୍ର। ବିଶ୍ୱ ପରିବେଶ ଦିବସରେ ଶାନ୍ତନୁଙ୍କ ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଡିସେମ୍ବର ୨୦

# ଜିରୋ ଏଫଆଇଆର ବାସ୍ତବରେ ଜିରୋ ପାଲଟି ଗଲାଣି

ଆଇନଗତ ମାମଲାରେ ଜିରୋ ଏଫଆଇଆର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିକଟରେ ଓଡ଼ିଶା ପୁଲିସ ଟୁଇଟ ଯୋଗେ ମହିଳା ଦୁଷ୍କର୍ମ ମାମଲାରେ ଜିରୋ ଏଫଆଇଆରକୁ କଡ଼ାକଡ଼ି କରାଯାଇଥିବା ନେଇ ବଡ଼ ଘୋଷଣାଟି କରିଛନ୍ତି। ମହିଳା ନିର୍ଯାତନା କ୍ଷେତ୍ରରେ ଜଣେ ନିର୍ଯାତିତା ଯେ କୌଣସି ଥାନାରେ ମାମଲା ରୁଜୁ କରିପାରିବ। କିନ୍ତୁ ଏବେ ଜିରୋ ଏଫଆଇଆରକ ନେଇ ବିଭିନ୍ନ ଦ୍ୱନ୍ଦ୍ୱ ଉପୁଜିଛି। ନିୟମ ଅନୁସାରେ କୌଣସି ଲୋକ ଯେକୌଣସି ଥାନାରେ ଯେ କୌଣସି ମାମଲା ରୁଜୁ କରିପାରିବେ। କିନ୍ତୁ ଏବେ ବି ବିଭିନ୍ନ ମାମଲାରୁ ଜିରୋ ଏଫଆଇଆର ଲାଗୁ ହେଉ ନାହିଁ। ବିଶେଷକରି ସାଇବର କ୍ରାଇମ ଭଳି ମାମଲାରେ ଜିରୋ ଏଫଆଇଆର ଲାଗୁ କି ନାହିଁ ଏହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ ମଧ୍ୟ ସାଇବର ଅପରାଧ ଗୁଡ଼ିକ ମାମଲା ରଖୁ ନଥିବା ଅଭିଯୋଗ ହୋଇଛି। ଏଣେ ତ୍ୱରିତ ନ୍ୟାୟ ଆଶାରେ ରାଜ୍ୟର କୋଣ ଅନୁକୋଣରୁ ବହୁଲୋକ ରାଜଧାନୀ ଆସି ମାମଲା ରୁଜୁ କରୁଛନ୍ତି। କିନ୍ତୁ ସାଇବର ଥାନା ପୁଲିସ ମାମଲା ରୁଜୁ ନକରି କେବଳ ଡାଇରି କରି ସଂପୃକ୍ତ ଥାନାକୁ ପଠାଇ ଦେଉଥିବା ଅଭିଯୋଗ ହେଉଛି। ଫଳରେ ସାଧାରଣ ଲୋକଟି ନ୍ୟାୟ ନ ପାଇ ଏ ଥାନା ସେ ଥାନା ଘୁରି ବୁଲୁଛି।

କେତେକ କ୍ଷେତ୍ରରେ ବୋଝ ହଟାଇବା ଭାବରେ ନିକଟସ୍ଥ ଥାନାମାନେ ମାମଲା ରଖି ନଥାନ୍ତି ଯାହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଆବେଦନକାରୀଟି ଭୁବନେଶ୍ୱର ସାଇବର ଥାନାକୁ ଅଭିଯୋଗ କରିବା ପାଇଁ ନୟାନ୍ତ ହୋଇ ଆସିଥାନ୍ତି। ଏ ଅଭିଯୋଗ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଛି। ଫଳରେ ଜିରୋ ଏଫଆଇଆରର ସୁଫଳ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ବ୍ୟବସ୍ଥା ରହିଛି ଯେକୌଣସି ଲୋକ ରାଜ୍ୟର ଯେକୌଣସି ଥାନାରେ ମାମଲା ରୁଜୁ କରିପାରିବେ। ସଂପୃକ୍ତ ଥାନା ଅଧିକାରୀ ଅଭିଯୋଗକାରୀଙ୍କ ମାମଲା ରୁଜୁ କରିବା ସହିତ ବୟାନ ରେକର୍ଡ଼ କରିବା ପରେ ମାମଲା ଅନ୍ୟ ଥାନାକୁ ମାମଲାର ଲିଖିତ ଅଭିଯୋଗ ଓ ବୟାନକୁ ହସ୍ତାନ୍ତର କରିବାକୁ ଜିରୋ ଏଫଆଇଆର କୁହାଯାଏ। ବିଶେଷ କରି ମହିଳାଙ୍କ ପାଇଁ ଏହି ଜିରୋ ଏଫଆଇଆର ଭରଷା ବହୁତ ଉପଯୋଗୀ। ନିୟମାନୁସାରେ ମହିଳାମାନେ ନିର୍ଯାତନାର ଶିକାର ହେଲେ ଯେକୌଣସି ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିପାରିବେ। କିନ୍ତୁ ରାଜଧାନୀରେ ଅଧିକାଂଶ କ୍ଷେତ୍ରରେ ଏହା ଦେଖିବାକୁ ମିଳୁନାହିଁ। ଏ ଅଭିଯୋଗ କେବଳ ଦ୍ୱୈତ ନଗରୀରେ ମଧ୍ୟ



ପୁଷ୍ପମିତ୍ର ମହାପାତ୍ର

ନୁହଁ, ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏପରି ଅଭିଯୋଗ ଆସୁଛି। କୌଣସି ଥାନାରେ ଅଭିଯୋଗ ହେଲେ ସେଠାକାର ପୁଲିସ ନିର୍ଯ୍ୟାତିତ ମହିଳାଙ୍କୁ ମହିଳା ଥାନାକୁ ପଠାଇ ନିଜ ଉପରୁ ଦାୟିତ୍ୱ ଖସାଇ ଦେଉଛନ୍ତି। ବଡ଼ ବଡ଼ ଅପରାଧରେ ଜିରୋ ଏଫଆଇଆର ଲାଗୁ ହେବାର ବିଧି ରହିଛି। ଏମିତିକି ଦୁଇଟି ଥାନା ମଧ୍ୟରେ ଯଦି ସୀମାକୁ ନେଇ ସନ୍ଦେହ ସୃଷ୍ଟି ହୁଏ ସେ କ୍ଷେତ୍ରରେ ସଙ୍ଗିନ ମାମଲାକୁ ଯେକୌଣସି ଥାନାରେ ଲିଖିତ ଅଭିଯୋଗ କରାଯାଇପାରିବ। ସୀମା ସମସ୍ୟା ତୁଟିଲା ପରେ ଏତଲା ସଂପୃକ୍ତ ଥାନାରେ ପଞ୍ଜୀକୃତ କରାଯିବ। କିନ୍ତୁ ପୁଲିସ ଅଭିଯୋଗକାରୀଙ୍କ ଅଭିଯୋଗ ନରଖି ପଠାଇ ଦେଉଛି। ବିଶେଷ କରି ରେଳବାଇ ପୁଲିସ, କ୍ୟାପିଟାଲ ପୁଲିସ ଓ ଖାରବେଳନଗର ଥାନା ପୁଲିସ ମଧ୍ୟରେ ସୀମାକୁ ନେଇ ଦ୍ୱନ୍ଦ୍ୱ ଦେଖା ଦେଉଛି। ରାଜଧାନୀରେ ଭାରତପୁର ଓ ଖଣ୍ଡଗିରି ଥାନା ମଧ୍ୟରେ ମଧ୍ୟ ସୀମା ସନ୍ଦେହ ପାଇଁ ମାମଲା ଗୁଡ଼ିକୁ ପରସ୍ପର ଥାନାକୁ ପଠାଇ ଦିଆଯାଇଛି। ଏହାସହ ରାଜଧାନୀକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି ମାମଲା ରୁଜୁ କରୁଛନ୍ତି କିନ୍ତୁ ପୁଲିସ ମାମଲା ରୁଜୁ ନକରି ପଠାଇ ଦେଉଥିବା କିମ୍ବା ସିସିଟିଏନଏସର ଆଳ ଦେଖାଇ ସେମାନଙ୍କୁ ପଠାଇ ଦେଉଥିବା ଅଭିଯୋଗ ହେଉଛି। ଏନେଇ କମିସନରେଟ ପୁଲିସର ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ ରାଜଧାନୀର ଥାନା ଗୁଡ଼ିକରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲୋକ ଆସି ମାମଲା ରୁଜୁ କରୁଛନ୍ତି। କିଛି କାରଣ ନଥିଲେ ମଧ୍ୟ ନିଜ ଅଞ୍ଚଳର ଥାନାକୁ ଛାଡ଼ି କିଛି ଅଭିଯୋଗକାରୀ ଭୁବନେଶ୍ୱର ଥାନାରେ ଅଭିଯୋଗ କରୁଛନ୍ତି। ତେଣୁ କମିସନରେଟ ପୁଲିସ ଅଞ୍ଚଳରେ ଥିବା ଥାନାରେ ମାମଲା ଅହେତୁକ ଭାବେ ବୃଦ୍ଧି ପାଉଛି। ଗତବର୍ଷ ଏଠାରେ ପାଖାପାଖି ୧୨ ହଜାର ମାମଲା ରୁଜୁ ହୋଇଛି। ଗୋଟିଏ ଗୋଟିଏ ଥାନାରେ ୧୦୦୦ରୁ ୧୨୦୦ ମାମଲା ରୁଜୁ ହେଉଛି। ଅନ୍ୟପକ୍ଷରେ ସେହି ସମୟରେ ଜିଲ୍ଲାର ବଡ଼ ବଡ଼ ଥାନାଗୁଡ଼ିକରେ ୫୦୦ ଭିତରେ ମାମଲା ରୁଜୁ ହେଉଛି। ମହିଳା ଥାନା ଓ ସାଇବର ଥାନା ଯେ ରାଜ୍ୟର ସବୁ ମାମଲା ରଖିବେ ଓ ତାର ତଦନ୍ତ କରିବେ, ସେମିତି କିଛି ନିୟମ ନାହିଁ। ସବୁଆଡ଼ୁ ମାମଲା ଆସିବା ଫଳରେ କମିସନରେଟ ପୁଲିସ ଉପରେ ଅଧିକ ଚାପ ପଡୁଛି। ସେହିଭଳି କାରଣ ନଥିଲେ ଥାନାରେ ମାମଲା ରୁଜୁ କରାଯିବ ନାହିଁ। ଭାରତୀୟ ନ୍ୟାୟ ସଂହିତା ଅନୁସାରେ ଇ-ମେଲ ଜରିଆରେ ମାମଲା ରୁଜୁ କରି ତିନିଦିନ ମଧ୍ୟରେ ଥାନାକୁ ଯାଇ ମାମଲା କରିହେବ। ଆଜିକାଲି ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ ରହିଛି। ସମସ୍ତେ ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ସିସିଟିଏନଏସ ଜରିଆରେ ମଧ୍ୟ ମାମଲା ପଞ୍ଜୀକୃତ କରାଯାଇପାରିବ। ତେଣୁ ଲୋକମାନେ ଏଥିପ୍ରତି ସଚେତନତା ହେବା ଆବଶ୍ୟକ।

*ସେକ୍ଟର-୯, ସିଡିଏ, କଟକ,*
*ଦୂରଭାଷ : ୯୪୩୭୨୨୫୬୮୯*

# ତିରିଶ ପରେ ସୁସ୍ଥ ରହିବେ କେମିତି ?

ସାଧାରଣତଃ ଜଣଙ୍କ ସୁସ୍ଥ ଜୀବନର ବାସ୍ତବିକ ଆରମ୍ଭ ହୋଇଥାଏ କହିବାକୁଗଲେ ତିରିଶ ବର୍ଷ ପରେ। ଜଣଙ୍କର ଜୀବନର ଉପଲବ୍ଧି ମଧ୍ୟ ଏହି ବୟସରେ ହୋଇଥାଏ। ତିରିଶ ବର୍ଷ ବୟସ ଅତିକ୍ରମ କରିବା ଏକ ଉଲ୍ଲେଖନୀୟ ଉପଲବ୍ଧି ବୋଲି ସଂପ୍ରତି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି। ଏହା ଜୀବନକୁ ଉପଭୋଗ କରିବାର ଅବସର ଆଣିବା ସହିତ ନିଜର ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ପ୍ରାଧାନ୍ୟ ଦେବାର ସତର୍କଘଣ୍ଟି ମଧ୍ୟ ବଜାଇଥାଏ। ସ୍ୱାସ୍ଥ୍ୟପ୍ରଦ ଖାଦ୍ୟାଭ୍ୟାସ, ନିୟମିତ ବ୍ୟାୟାମ, ସୁନିଦ୍ରା ଏବଂ ଏସବୁ ଭିତରେ ସନ୍ତୁଳନ ରଖିବା ପରି କିଛି ସହଜ ଉପାୟ ଦ୍ୱାରା ଜଣେ ସୁସ୍ୱାସ୍ଥ୍ୟ ବଜାୟ ରଖିପାରିବ। ଏଥି ସହିତ ହୃଦରୋଗ ଓ ମଧୁମେହ ପରି ରୋଗ ଆଶଙ୍କାରୁ ମଧ୍ୟ ଦୂରରେ ରହି ଦୀର୍ଘସ୍ଥାୟୀ ସୁସ୍ଥତା ଆହରଣ କରିପାରିବ। ସେଥିପାଇଁ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଉଚିତ। ସାଧାରଣତଃ ୩୦ ବର୍ଷ ପରେ ପୁରୁଷ ମାନଙ୍କର ସ୍ୱାଭାବିକ ଭାବେ ଦଶକ ପିଛା ୩ରୁ ୫ ପ୍ରତିଶତ ମାଂସପେଶୀ ବସ୍ତୁତ୍ୱରେ ହ୍ରାସ ଘଟିଥାଏ। ଏହାକୁ ପ୍ରତିହତ କରିବା ପାଇଁ ସପ୍ତାହକୁ ଅତି କମରେ ଦୁଇଥର ୱେଟଲିଫଟିଂ କିମ୍ବା ରେଜିଷ୍ଟାନ୍ସ ବ୍ୟାୟାମ କରିବା ଭଲ। ସେହିପରି ମାଂସପେଶୀକୁ ସଂରକ୍ଷିତ କରି ରଖିବା ଲାଗି ମାଂସ, ଦୁଗ୍ଧଜାତ ଖାଦ୍ୟ, ଶୁଷ୍କ ଫଳ ଓ ଡାଲିଜାତୀୟ ଖାଦ୍ୟ ପରି ପୁଷ୍ଟିସାର ସମ୍ବଳିତ ଭୋଜନ କରିବା ଦରକାର। ଶରୀରକୁ ସର୍ବଦା ଆର୍ଦ୍ର ରଖିବା ପାଇଁ ପ୍ରଚୁର ପାଣି ପିଇବା ଦରକାର। ଏହା ହଜମକ୍ରିୟା ସହାୟକ ହେବା ସହ ମାଂସପେଶରୀର ସକ୍ରିୟତା ବଢ଼ାଇଥାଏ। ବୟସ ବଢ଼ିବା ସହ ଶରୀର ଗଠନରେ ମନ୍ଥରତା ଆସୁଥିବାବେଳେ ଅନେକଙ୍କର ଓଜନ ବଢ଼ିବା ଦେଖାଯାଇଥାଏ। ବିଶେଷକରି ତଳିପେଟ ଆକାରରେ ଅହେତୁକ ବୃଦ୍ଧି ଘଟିଥାଏ। ତେଣୁ ଅଣ୍ଟାର ମାପ ଉପରେ ଦୃଷ୍ଟି ରଖିବା ଗୁରୁତ୍ୱପୂର୍ଣ୍ଣ। କାରଣ ମୋଟାପଣ ହିଁ ହୃଦରୋଗ ଓ ଟାଇପ-୨ ମଧୁମେହ ରୋଗର ଆଶଙ୍କା ବଢ଼ାଇଥାଏ। ପ୍ରକ୍ରିୟାକୃତ ଖାଦ୍ୟ, ମାତ୍ରାଧିକ ଲୁଣ ଓ ମଧୁମିଶ୍ରିତ ପାନୀୟ ଛାଡ଼ି ଫଳମୂଳ, ସବୁଜ ପନିପରିବା ଓ ଶସ୍ୟ ସମ୍ବଳିତ ଖାଦ୍ୟ ସାଙ୍ଗକୁ ମଧ୍ୟମ ଧରଣର ଶାରୀରିକ କାର୍ଯ୍ୟ ଓ ଶ୍ୱାସକ୍ରିୟା ବ୍ୟାୟାମ ଦ୍ୱାରା ଅଣ୍ଟା ପରିମାପକୁ ବଜାୟ ରଖିହେବ। ମାଛ ବା ଅନ୍ୟ ଉତ୍ସରୁ ଓମେଗା-୩ ଚର୍ବିଳାମ୍ଳ ଗ୍ରହଣ କରି ହୃଦରୋଗ ଆଶଙ୍କାକୁ ହ୍ରାସ କରିବା ସମ୍ଭବ। ଶାରୀରିକ ବ୍ୟାୟାମ ପରି ମାନସିକ ବ୍ୟାୟାମ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଆନନ୍ଦ ଦେଉଥିବା ଅଭ୍ୟାସଗୁଡ଼ିକୁ ଆପଣେଇବା ସମେତ ସାଙ୍ଗସାଥୀ ଓ ବନ୍ଧୁ ପରିଜନଙ୍କ ସହ ନିୟମିତ ସମ୍ପର୍କରେ ରହି ମାନସିକ ସୁସ୍ଥତା ବଜାୟ ରଖିବା ଦରକାର। ସର୍ବୋପରି ଧୂମପାନ ଓ ମଦ୍ୟପାନ ତ୍ୟାଗ କରିବା ଅପରିହାର୍ଯ୍ୟ। ୪୦ ବର୍ଷ ବୟସ ପୂର୍ବରୁ ଏପରି କରିପାରିଲେ ଅକାଳ ମୃତ୍ୟୁ ଆଶଙ୍କା ହ୍ରାସ ହୋଇଥାଏ ବୋଲି ଏକ ଅନୁଧ୍ୟାନରୁ ଜଣାପଡ଼ିଛି। ସେହିପରି ନିଜର କାର୍ଯ୍ୟଶୈଳୀ ଓ ଜୀବନଶୈଳୀ ମଧ୍ୟରେ ତାଳମେଳ ରଖିବା ଗୁରୁତ୍ୱପୂର୍ଣ୍ଣ। ଦିନକୁ ଅନ୍ତତଃ ୭ରୁ ୯ ଘଣ୍ଟା ନିଦ୍ରା ଯିବା ବିଧେୟ। ବାସ୍ତବ କଥା ହେଉଛି ନୀରୋଗ ଓ ସ୍ୱାସ୍ଥ୍ୟପ୍ରଦ ଜୀବନ ପାଇଁ ମୁଖ୍ୟ ଅବଲମ୍ବନ ହେଉଛି ସୁସ୍ଥ ଜୀବନ ଶୈଳୀ। ଏକ ଆନନ୍ଦମୟ ଜୀବନ ପାଇଁ ନିଜ ପାଇଁ ଏକ ରୁଟିନ ତିଆରି କରନ୍ତୁ। କାରଣ ଜଣେ ଭଲ ଭାବେ ଜାଣିଛି ପ୍ରତିଦିନ ଭିତରେ ତାର କାର୍ଯ୍ୟ ନିର୍ଘଣ୍ଟ ସବୁ କ'ଣ ? ତେଣୁ ଭଲ ଭାବେ ଖାଦ୍ୟ ଓ ବିଶ୍ରାମକୁ ସର୍ବପ୍ରଥମେ ଗୁରୁତ୍ୱ ଦିଅନ୍ତୁ। ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟା ତ୍ୟାଗ ସହ ନିରାମିଷ ଖାଦ୍ୟ ଖୁବ ଭଲ। ସେହିପରି ପ୍ରାତଃ ଭ୍ରମଣ ଏକ ଭଲ ଅଭ୍ୟାସ ଏବଂ ଆପଣଙ୍କ ଖାଦ୍ୟ ତାଲିକାରେ ପ୍ରଚୁର ପରିମାଣରେ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ। ଆପଣଙ୍କ ଖାଦ୍ୟ ତାଲିକାରେ ଯେପରି ଶାଗ, ଟଟକା ପନିପରିବା ଯାହାକୁ ସବୁଜ ପନିପରିବା କୁହାଯାଏ, ସାଲାଡ଼ ଓ ଫଳକୁ ସ୍ଥାନିତ କରନ୍ତୁ। ବାହାର ଖାଦ୍ୟ, ତଥାକଥିତ ଫାଷ୍ଟଫୁଡ ଠାରୁ ନିଜକୁ ଦୂରେଇ ରଖନ୍ତୁ। ବିଶୁଦ୍ଧ ପାଣି, ସିଝାପାଣି ଶରୀର ପାଇଁ ଖୁବ ଭଲ। ମଦ୍ୟପାନ ବା ସମସ୍ତ ପ୍ରକାର ମାଦକ ଦ୍ରବ୍ୟ ଠାରୁ ଦୂରେଇ ରହିବା ସହ ପ୍ରତିଦିନ କିଛି ବାଟ ଚାଲିବା କିମ୍ବା ସାଇକେଲ ଚଳନା କିମ୍ବା ପାଣି ପହଁରା ଏକ ଭଲ ଅଭ୍ୟାସ। କାର୍ଯ୍ୟବ୍ୟସ୍ତତା ଭିତରେ ଘଣ୍ଟା ଘଣ୍ଟା ଧରି ଖାଲିପେଟରେ ରହିବା ଏକ ଖରାପ ଅଭ୍ୟାସ କହିଲେ ଅତ୍ୟୁକ୍ତି ହେବନାହିଁ। ବାଶୀ ଖାଦ୍ୟ, ଫ୍ରିଜରେ ରହୁଥିବା ଖାଦ୍ୟ ଠାରୁ ଦୂରେଇ ରହିବା ସହ ଅଧିକ ପ୍ରୋଟିନ ମଧ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ଅନୁଚିତ। କୌଣସି ପରିସ୍ଥିତିରେ ବିନା ଡାକ୍ତରୀ ପରାମର୍ଶରେ ଔଷଧ ଗ୍ରହଣ କରନ୍ତୁନାହିଁ ଏବଂ ଗୁଣୀ ଗାରେଡ଼ି ବା ତୁଟୁକା ତୁଟୁକି ଚିକିତ୍ସାକୁ ଗ୍ରହଣ କରନ୍ତୁ ନାହିଁ କି ବିଶ୍ୱାସ କରନ୍ତୁ ନାହିଁ। ସମସ୍ତ ପରିସ୍ଥିତିରେ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ସହାୟତା ନିଅନ୍ତୁ। ତିରିଶ ବର୍ଷ ପରେ କେବଳ ଶାରୀରିକ ଭାବେ ନୁହେଁ ଉଭୟ ମାନସିକ ଓ ବୌଦ୍ଧିକ ଭାବରେ ଜଣେ ସାମାଜିକ ଭାବେ ନିଜ ଗୁରୁତ୍ୱ ବଢ଼ାଇଥାଏ। ତେଣୁ ବାସ୍ତବିକ ତିରିଶ ବର୍ଷ ପରେ ଜୀବନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଏବଂ ଏହା ଆପଣଙ୍କ ଶାରୀରିକ ଓ ବୌଦ୍ଧିକ କ୍ଷେତ୍ରକୁ ମଧ୍ୟ ବିକଶିତ କରିଥାଏ।



ଡାକ୍ତର ଗୁରୁପଦ ମିଶ୍ର

*ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

# ଜୀବେ ନିଷ୍ଠୁରତା ନିରୋଧ ଆଇନକୁ ଫୁ

ଓଡ଼ିଶାରେ ଗୋ ସମ୍ପଦର ବିକାଶ ପାଇଁ ନୂଆ ସରକାର ଅନେକ ଯୋଜନା ଓ ଲୋକପ୍ରିୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏ ନେଇ ବଜେଟରେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ସହ ନୂଆ ଗୋଶାଳା ପ୍ରତିଷ୍ଠା ଓ ଗୋମାତା ପ୍ରତି ଲୋକମାନଙ୍କ ଭିତରେ ଭଲପାଇବା ତଥା ଆଦର ବୃଦ୍ଧି ପାଇଁ ଯୋଜନା ହାତକୁ ନିଆଯାଇଥିଲେ ମଧ୍ୟ ବାସ୍ତବରେ କିନ୍ତୁ ପୂର୍ବପରି ଦିନକୁ ଦିନ ଗୋଚାଲାଣ ବଢୁଛି କିନ୍ତୁ ଏ ଚାଲାଣ ଉପରେ ଆକ୍ ଦୃଶିଆ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁନଥିବାରୁ ଗୋଚାଲାଣ ଦିନକୁ ଦିନ ବଢ଼ିବାକୁ ଲାଗୁଥିବାବେଳେ କେତେକ ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ବିଗିଡ଼ି ଯାଉଛି। କାରଣ ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ ମାଫିଆମାନେ ଯୋଜନାବଦ୍ଧ ଭାବେ ଗୋଚାଲାଣ କରୁଥିବାବେଳେ କିଛି ଉଦ୍ୟମୀ, ସମାଜସେବୀ ତଥା ଗୋମାତାକୁ ଭଲ ପାଉଥିବା ଯୁବ ବର୍ଗ ଏହାକୁ ବିଧିବଦ୍ଧ ଭାବେ ବିରୋଧ କରିବା ସହ ଗୋ ଚାଲାଣ ର୍ୟାକେଟକୁ ପ୍ରତିରୋଧ କରୁଥିବାରୁ ଭୟଙ୍କର ମାଡ଼ଗୋଳ ହେବା ସହ ପରିସ୍ଥିତି ସଙ୍ଗୀନ ହୋଇଯାଉଛି। କେତେକ କ୍ଷେତ୍ରରେ ଅକାରଣରେ ଜୀବନ ମଧ୍ୟ ଚାଲି ଯାଉଛି ଏବଂ ସବୁଠାରୁ ବଡ଼କଥା ହେଉଛି ଗୋଚାଲାଣକାରୀ ଯେତେବେଳେ ଜାଣୁଛନ୍ତି ଯେ ସେମାନଙ୍କୁ ଗୋରକ୍ଷକମାନେ ଅନୁଧାବନ କରୁଛନ୍ତି ଯାହାଫଳରେ ସେମାନେ ବିପଜ୍ଜନକ ଭାବରେ ଗାଡ଼ି ଚାଳନା କରିବା ଦ୍ୱାରା ଗାଡ଼ି ଭିତରେ ଥିବା ଗୋମାତାଙ୍କ ମୃତ୍ୟୁ ହୋଇଯିବା ସହ କେତେକ ସ୍ଥାନରେ ଗାଡ଼ି ଓଲଟି ଯାଇ ଅନେକ ଗୋମାତାଙ୍କ ଜୀବନ ଚାଲିଯାଉଛି। ଓଡ଼ିଶାର ବିଶେଷକରି ଗ୍ରାମାଞ୍ଚଳର ଚାଷୀଙ୍କ ଠାରୁ ବେପାରୀ ଶାଗମାଛ ଦରରେ ଗାଈ ସଂଗ୍ରହ କରି ତାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖି ଟ୍ରକ ଓ କଣ୍ଟେନର ମାଧ୍ୟମରେ ବାହାର ରାଜ୍ୟର ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ଏହି ବେଆଇନ ଗୋ ଚାଲାଣ ଚେର ଆନ୍ଧ୍ର, ତେଲେଙ୍ଗାନା ଓ ପଶ୍ଚିମବଙ୍ଗକୁ ଲମ୍ବିଛି। ବିଶେଷକରି କଟକ, ଯାଜପୁର, ଖୋର୍ଦ୍ଧାରୁ ଅଧିକ ଚାଲାଣ ହେଉଥିବା ଅଭିଯାନ ହୋଇଛି। ଏ ନେଇ ପଶୁପ୍ରେମୀ ଉଦବେଗ ପ୍ରକାଶ କରିଛନ୍ତି। ଜୀବେ ନିଷ୍ଠୁରତା ନିରୋଧ ଆଇନ କେବଳ କାଗଜକଲମରେ ସୀମିତ ରହିଯାଇଛି। ରାଜ୍ୟରେ ଆବଶ୍ୟକତା ଅନୁସାରେ ଗୋଶାଳା ଏବଂ ରେସକ୍ୟୁ ସେଣ୍ଟର ଅଭାବ ରହିଛି। କିଛି ଗରିବ ଚାଷୀ ମଧ୍ୟ ବାଧ୍ୟ ହୋଇ ପଇସା ପାଇଁ ଗାଈଗୋରୁ ବିକ୍ରି କରୁଛନ୍ତି। ଦେଶର ସର୍ବାଧିକ ଗୋଚାଲାଣ ଓଡ଼ିଶାରୁ ହେଉଛି। ଓଡ଼ିଶାରୁ ଆନୁମାନିକ ଭାବେ ସପ୍ତାହକୁ ପ୍ରାୟ ୧୫୦ ଟ୍ରକ ଗୋଚାଲାଣ କରାଯାଉଛି। ଦେଶର ବିଭିନ୍ନ ରାଜ୍ୟରେ ଏ ନେଇ ସଶକ୍ତ ଆଇନ ଥିବାବେଳେ ଆମ ରାଜ୍ୟରେ ସେଭଳି କଡ଼ା ଆଇନ ନାହିଁ। ଯେଉଁ ଆଇନ ରହିଛି ତାହା ସଠିକ ଭାବେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହୋଇଛି। ପ୍ରତିଦିନ ରାତିରେ ଅତି ନିଷ୍ଠୁର ଭାବେ ଗୋ ସମ୍ପଦକୁ ବାନ୍ଧି ପଡ଼ୋଶୀ ରାଜ୍ୟକୁ ଚାଲାଣ କରାଯାଉଛି। ରାଜ୍ୟରେ ଗୋ ହତ୍ୟା ଓ ବେଆଇନ ଗୋଚାଲାଣ ବନ୍ଦ କରିବା ଲାଗି ବିଭିନ୍ନ ସମୟରେ ପ୍ରଶାସନ ଓ ପୋଲିସକୁ ଜଣାଇଲେ ମଧ୍ୟ ବିଶେଷ କିଛି ସୁଫଳ ମିଳୁନାହିଁ। ବାର୍ଷିକ ପ୍ରାୟ ୧୫ ଲକ୍ଷ ଗୋରୁ ଚାଲାଣ ହେଉଥିବା ଜଣାପଡ଼ିଛି। ରାଜ୍ୟରେ ପ୍ରାଣୀ ପରିବହନ ଆଇନ ୧୯୭୮ ଓଡ଼ିଶଶ ପ୍ରେଭେଣ୍ଟିଭ ଅଫ କାଓ ସ୍ଲଟର ଆକ୍ଟ ୧୯୬୦ ଅନୁସାରେ ଗୋ ପରିବହନ ପାଇଁ ସ୍ୱୀକୃତୀ ପ୍ରାପ୍ତ ପ୍ରାଣୀ ଚିକିତ୍ସକ, ପୋଲିସ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଅନୁମତି ଦରକାର। ମାତ୍ର ଏହାକୁ ଉପେକ୍ଷା କରି ଚାଲଣ ହେଉଥିବା ଜଣାପଡ଼ିଛି। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ବିଶ୍ୱ ହିନ୍ଦୁ ପରିଷଦ ଉଦବେଗ ପ୍ରକାଶ କରି ସେମାନଙ୍କର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏ ନେଇ ଆଇନକୁ କଠୋର କରିବା ସହ ସହଯୋଗ ଲୋଡ଼ିଛନ୍ତି।

ଓଡ଼ିଶାରେ ଗୋ ହତ୍ୟା ନିରୋଧ ଆଇନ ଅଛି, କିନ୍ତୁ ବାସ୍ତବରେ ତାହାକୁ କ୍ରିୟାନ୍ୱିତ କରାଯାଇନାହିଁ। ଯଦିଓ ଏହି ଆଇନ କଠୋର ନୁହେଁ ତଥାପି ଯାହା ଅଛି ତାହାକୁ ସଠିକ ଭାବେ କାର୍ଯ୍ୟକାରୀ କରାଗଲେ କିଛି ମାତ୍ରାରେ ଏହି ବେଆଇନ କାର୍ଯ୍ୟରେ ଅଙ୍କୁଶ ଲାଗିପାରନ୍ତା। ସରକାର ତୁରନ୍ତ ଏହି ଆଇନକୁ କଠୋର କରିବା ସହ ସେଥିପ୍ରତି ଗୁରୁତ୍ୱ ଦେଇ ସଂଶୋଧନ ଆଣନ୍ତୁ ବୋଲି ଦାବୀ ଉଠୁଛି। ଲୋକମାନଙ୍କ ଭିତରେ ଗୋମାତାକୁ ଭଲପାଇବା ଓ ନିଜ ସୀମିତ ସାଧ୍ୟ ମତେ ସାମାଜିକ ଓ ସେବା ଦାୟିତ୍ୱ ନିର୍ବାହ କରିବାର ସମୟ ପହଞ୍ଚିଛି। ସରକାରୀ ଭାବେ ଆଇନ ଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ହେଉନଥିବାରୁ ଜୀବେ ନିଷ୍ଠୁରତା ନିରୋଦ ସମିତି ପକ୍ଷରୁ ମଧ୍ୟ ଉଦବେଗ ପ୍ରକାଶ ପାଇବା ସହ ରାଜ୍ୟରେ ବେଆଇନ ଗୋଚାଲାଣ ଆଇନ କଠୋର ନ ହେବା ଯୋଗୁଁ ଏଭଳି କାର୍ଯ୍ୟ ହେଉଛି ବୋଲି ମତବ୍ୟକ୍ତ କରିଛନ୍ତି। ସରକାର ମଧ୍ୟ ସ୍ୱତନ୍ତ୍ର ଭାବେ ଏ ଦିଗରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।



ଯୁଧିଷ୍ଠିର ମହାରଣା

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*

# ପୁରୁଷ କମିଶନ ଗଠନ ହେଉ

ଗଲା ସପ୍ତାହରେ ଦେଶର ଆଇଟି ସହର ଭାବେ ପରିଚିତ ବେଙ୍ଗାଲୁରରେ ଦୁଇଟି ହୃଦୟ ବିଦାରକ ଘଟଣା ଘଟିଛି, ଯାହାକି ସାରା ଦେଶରେ ତୀବ୍ର ଆଲୋଡନ ସୃଷ୍ଟି କରିଛି। ସେହି ଘଟଣା ଦୁଇଟି ହେଉଛି, ପତ୍ନୀ ଓ ଶାଶୁ, ଶ୍ୱଶୁରଙ୍କ ନିର୍ଯ୍ୟାତନା ସହି ନପାରି ଯୁବ ଇଞ୍ଜିନିୟର ଅତୁଲ ସୁଭାଷ ଏବଂ କନେଷ୍ଟବଳ ୩୪ବର୍ଷ ବୟସ୍କ ଏଚ.ସି.ଥିପନ୍ନା ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିବା ପୂର୍ବରୁ ସେମାନେ ଲେଖିଥିବା ସୁଇସାଇଡ୍ ନୋଟରୁ ଦୁଇଟି ଯାକ ଘଟଣା ଯୌତୁକ ନିରୋଧ ଆଇନର ପରିଣତି ବୋଲି ଜଣାଯାଇଛି। ଯୌତୁକ ନିରୋଧ ଆଇନକୁ ଅସ୍ତ୍ର କରି ଦୁଇଟି ଯାକ ଘଟଣା ଘଟିଛି। କେବଳ ଏହି ଦୁଇଟି ଘଟଣା ନୁହେଁ, ଦେଶରେ ପ୍ରତିଦିନ ଏହିଭଳି ବହୁ ଘଟଣା ଘଟୁଛି, ଯାହାକୁ କି ପୁରୁଷ ନିର୍ଯ୍ୟାତନା ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ଦେଶରେ ଯେଉଁଭଳି ଭାବେ ମହିଳା ନିର୍ଯ୍ୟାତନା ଘଟଣାମାନ ଘଟୁଛି, ତାହା ଅତ୍ୟନ୍ତ ଉଦ୍‌ବେଗଜନକ। ମହିଳାଙ୍କୁ ଯୌତୁକ, ଘରୋଇ ହିଂସା, ଦୁଷ୍କର୍ମ ଆଦି ଘଟଣାରୁ ସୁରକ୍ଷା ଦେବା ପାଇଁ ବହୁ ଆଇନ ରହିଛି। ଯେଉଁଥିରେ କି କଠୋର ଦଣ୍ଡ ବ୍ୟବସ୍ଥା ସ୍ୱରୁପ ଉଭୟ ଜେଲ ଓ ଜରିମାନା ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ଦେଶରେ ପ୍ରତି ୩ଜଣରେ ଜଣେ ମହିଳା ନିର୍ଯ୍ୟାତିତା ହେଉଥିବାବେଳେ ପ୍ରତି ମିନିଟ୍‌ରେ ୪୫ଜଣ ମହିଳା ବଳାତ୍କାରର ଶିକାର ହେଉଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନସିଆରବି) ରିପୋର୍ଟ କହେ। କିନ୍ତୁ ମହିଳାଙ୍କ ପାଇଁ ଥିବା ସୁରକ୍ଷା ଆଇନ ଏବେ ଦେଶର ଲକ୍ଷାଧିକ ପୁରୁଷ ନିର୍ଯ୍ୟାତନାର ଶିକାର ହୋଇଛନ୍ତି। ନିକଟରେ ସର୍ବୋଚ୍ଚ ଅଦାଲତ ଏକ ମିଥ୍ୟା ଓ ଘରୋଇ ହିଂସା ମାମଲା ଉପରେ ଶୁଣାଣୀ କରିବା ଅବସରରେ ଗଭୀର ଅସନ୍ତୋଷ ପ୍ରକାଶ କରିବା ସଙ୍ଗେ ସଙ୍ଗେ ମାମଲାକୁ ଖାରଜ କରିବା ସହ ଯୌତୁକ ଓ ଘରୋଇ ହିଂସା ଆଇନର ଦୁରୁପଯୋଗ ରୋକିବାକୁ ପାଇଁ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ନିମ୍ନ ଅଦାଲତରେ ବିଚାରପତି ଓ ପୋଲିସ ବିନା କୌଣସି ପ୍ରମାଣରେ ସ୍ୱାମୀଙ୍କ ପରିବାରର ସମସ୍ତ ଲୋକଙ୍କୁ ସମ୍ପୃକ୍ତ କରାଇବା ଭଳି ଘଟଣା ତୁରନ୍ତ ବନ୍ଦ ହେବା ଦରକାର ବୋଲି ସୁପ୍ରିମକୋର୍ଟ ନିମ୍ନ ଅଦାଲତ ଓ ପୋଲିସକୁ ଯେଉଁ ପରାମର୍ଶ ଦେଇଛନ୍ତି, ତାହା କେବଳ ସ୍ୱାଗତଯୋଗ୍ୟ ନୁହେଁ, ସମୟୋପଯୋଗୀ ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ଯୌତୁକ ଆଇନ ଓ ଘରୋଇ ହିଂସା ଆଇନକୁ ଅନେକ ମହିଳା ଅପବ୍ୟବହାର କରି ସ୍ୱାମୀ ଏବଂ ଶଶୁର ଘର ଲୋକଙ୍କ ଜୀବନ ନର୍କ ପାଲଟି ଯାଇଥିବା ବହୁ ନଜୀର ରହିଛି। ଏ ସଂକ୍ରାନ୍ତୀୟ ଅଭିଯୋଗ ସଂଖ୍ୟା ମଧ୍ୟ ବଢିଚାଲିଛି। ଯୌତୁକ ନିରୋଧ ଆଇନର ଧାରା ୪୯୮(କ) ଏବେ ମହିଳାଙ୍କ ପାଇଁ ସବୁଠାରୁ ବଡ ଅସ୍ତ୍ର ପାଲଟିଛି। ଯାହାକି ଅନେକ ପରିବାର ପାଇଁ ନିଶାଣ ପାଲଟିଛି। ଏଭଳି ମିଛ ମାମଲା ପାଖାପାଖି ପ୍ରତି ଏକ ଲକ୍ଷରେ ୧୦ରୁ ୧୫ହଜାର ରହିଥିବା ଏନସିଆରବି ପରିସଂଖ୍ୟାନ କହେ। ଏଭଳି ମମାଲା ଗ୍ରାମାଚଂଳ ତୁଳନାରେ ସହରାଚଂଳରେ ବଢିଚାଲିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମିଛ ମାମଲାରେ ଭାଙ୍ଗି ପଡି ଶେଷରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଅତୁଲ ସୁବାସ ଏବଂ ଏଚ.ସି.ଥିପନ୍ନା। କେବଳ ଏହି ଦୁଇଜଣ ନୁହଁନ୍ତି, ଏହିଭଳି ଅନେକ ନିଜ ଜୀବନ ହାରିଥିବା ଅଭିଯୋଗ ହୁଏ, ଯେଉଁମାନେ କି ଲୋକଲଜ୍ୟା ଭୟରେ ନିଜ କଥା କାହାରି ନିକଟରେ ପ୍ରକାଶ କରିନାହାଁନ୍ତି। ଏବେ ଲକ୍ଷାଧିକ ପୁରୁଷ ନିର୍ଯ୍ୟାତନା ମାମଲା ଅଦାଲତରେ ବିଚାରାଧୀନ ରହିଛି। ପ୍ରଶ୍ନ ଉଠୁଛି ଯୌତୁକ ଓ ଘରୋଇ ହିଂସା ଆଇନ ବଳରେ ନିଜ ପତ୍ନୀ ଓ ଶଶୁର ଘର ଲୋକଙ୍କ ଦ୍ୱାରା ମାନସିକ ଓ ଶାରୀରିକ ନିର୍ଯ୍ୟାତନାର ଶିକାର ହେଉଥିବା, ମାଲିମକଦ୍ଦମାରେ ଛନ୍ଦି ହୋଇପଡିଥିବା ପୁରୁଷମାନଙ୍କୁ ସୁରକ୍ଷା ଦେବ କିଏ ? ନିର୍ଯ୍ୟାତିତ ଦେବ କିଏ ? ନିର୍ଯ୍ୟାତିତ ପୁରୁଷମାନଙ୍କୁ ସୁରକ୍ଷା ଦେବା ପାଇଁ ସ୍ୱତନ୍ତ୍ର ଆଇନ ଓ ପୁରୁଷ କମିଶନ ଗଠନର ଆବଶ୍ୟକତା ରହିଛି। ଅବଶ୍ୟ ପୁରୁଷ କମିଶନ ଗଠନ ପାଇଁ ଦାବି ଯୋର ଧରିଲାଣି। ଆମ ରାଜ୍ୟର ଜଣେ ଆଇନଜୀବୀ ମହିଳା ସୁରକ୍ଷା ଆଇନ ଦ୍ୱାରା ମିଛରେ ଶିକାର ହେବା ପରେ ପୁରୁଷ କମିଶନ ଗଠନ ପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସଭା, ସମିତି ଶୋଭାଯାତ୍ରା ଦ୍ୱାରା ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ଆନ୍ଦୋଳନ ଜାରି ରଖିଛନ୍ତି। ଏ ନେଇ ସର୍ବୋଚ୍ଚ ଅଦାଲତ ପୁରୁଷ ନିର୍ଯ୍ୟାତିତ କଷ୍ଟ, ବେଦନା, ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ତୁରନ୍ତ ପୁରୁଷ କମିଶନ ଗଠନ ଓ ସ୍ୱତନ୍ତ୍ର ଆଇନ ପ୍ରଣୟନ ପାଇଁ କେନ୍ଦ୍ର ସରକାରଙ୍କୁ ତୁରନ୍ତ ପରାମର୍ଶ ଦେବେ ବୋଲି ଆମେ ଆଶାବାଦୀ। ଅନ୍ୟ ଅତୁଲ ଓ ଥିପନ୍ନାଙ୍କ ପରି ବହୁ ଯୁବକଙ୍କ ଜୀବନ ଅକାଳରେ ଝଡି ପଡିବା ସାର ହେବ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# ଓରମାସ ଉତ୍ପାଦରେ ଖଣ୍ଡୁଆ ପାଟ

ଓଡ଼ିଆଙ୍କ ଜନଜୀବନରେ ଖଣ୍ଡୁଆ ପାଟର ମହକ, ଆଦର, ସମ୍ମାନ, ଭଲ ପାଇବା କାହିଁରେ କେତେ। ଖଣ୍ଡୁଆ ବୋଇଲେ ଶ୍ରୀମନ୍ଦିରର ଶ୍ରୀଜୀଉଙ୍କ ବ୍ୟବହୃତ ଲାଲ ରଙ୍ଗର ପାଟବସ୍ତ୍ରକୁ ବୁଝାଏ। ଖଣ୍ଡୁଆ, ପାଟ ବା ଟସର ସୂତାରେ ବୁଣାଯାଇ ତହିଁରେ ନାନାଦି ପଶୁ, ପକ୍ଷୀ, ଜୀବ, ମନୁଷ୍ୟ, ବୃକ୍ଷ, ଲତା, ମନ୍ଦିର ଓ ଦେବତାଙ୍କର ଚିତ୍ର ଭିନ୍ନ ଭିନ୍ନ ରଙ୍ଗରେ ଖୁବ କୁଶଳତାର ସହ ଆବେଗମୟ ଚିତ୍ରିତ ହୋଇଥାଏ। ଓଡ଼ିଶାର କେତେକ ଗଡ଼ଜାତର କୌଳିକ ବୃତ୍ତିର ତନ୍ତୀମାନେ ଅତି ଉତ୍କୃଷ୍ଟ ଚିତ୍ର ବିଚିତ୍ର ଖଣ୍ଡୁଆ ବୁଣୁଥିଲେ। ଓଡ଼ିଆଙ୍କ ପୋଷାକ ପରିପାଟୀରେ ଖଣ୍ଡୁଆର ସ୍ଥାନ ମଧ୍ୟ ସ୍ୱତନ୍ତ୍ର। କଟକର ମାଣିଆବନ୍ଧ ଓ ନୂଆପାଟଣା ମୂଳକ ଖଣ୍ଡୁଆ ପାଟ ପାଇଁ ଦେଶ ବିଦେଶରେ କେବଳ ବିଖ୍ୟାତ ହୋଇନି ଏଣିକି ବିଧିବଦ୍ଧ ଭାବେ ପ୍ରସ୍ତୁତ ହୋଇଥିବା ପ୍ୟାକେଟ ବକ୍ସ ଭିତରେ ଖଣ୍ଡୁଆ ପାଟ ମିଳିବାର ବ୍ୟବସ୍ଥା ହୋଇଛି। ଅନେକ ସ୍ୱତନ୍ତ୍ରତା ଏହି ପ୍ୟାକେଜିଂ ବ୍ୟବସ୍ଥା ଭିତରେ ରହିଛି। ଅତ୍ୟନ୍ତ ସୁରକ୍ଷିତ ରହିଥିବା କ୍ୟୁଆରକୋର୍ଡ଼କୁ ଜଣେ ନିଜ ମୋବାଇଲରେ ସ୍କାନ କରିବା ମାତ୍ରେ ଏହା ଶାଢ଼ୀର ପ୍ରସ୍ତୁତ କର୍ତ୍ତା, ସ୍ଥାନ ବିଶେଷ ଓ ସୂତାର ମାନ ଠାରୁ କାରିଗରଙ୍କ ପରିଚୟଙ୍କ ଠାରୁ ଅନେକ ସାମଗ୍ରୀକ ତଥ୍ୟ ମିଳିବାର ବ୍ୟବସ୍ଥା ହୋଇଛି।

ଓରମାସ ପକ୍ଷରୁ ସରକାରଙ୍କ ଲୋକପ୍ରିୟ ସ୍ୱାବଲମ୍ବୀ ଯୋଜନା ଗୁଡ଼ିକ କିପରି ଗ୍ରାମାଞ୍ଚଳରେ ରହିଥିବା ମୂଳ ଉତ୍ପାଦକ ଗୋଷ୍ଠୀ ମାନଙ୍କ ପାଖରେ ପହଞ୍ଚିବ ଓ ସେମାନଙ୍କ ପ୍ରସ୍ତୁତ ତଥା ବିଭିନ୍ନ ଉତ୍ପାଦର ବିକାଶ ସହ ବିବିଧ କରଣ, ଖୁଚୁରା ବିକ୍ରୟ ସହ ନିଜ ବ୍ରାଣ୍ଡର ଉନ୍ନତି କରଣ ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଛି। ସେହିପରି କଟକ ଜିଲ୍ଲାରେ ରହିଥିବା ବିଭିନ୍ନ ହସ୍ତ ପ୍ରସ୍ତୁତ ସାମଗ୍ରୀ ଓ ସେମାନଙ୍କର ସାମଗ୍ରିକ ବିବରଣୀ ତଥ୍ୟ ପୁସ୍ତିକାଟି ମଧ୍ୟ ଲୋକାର୍ପଣ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ମାନ୍ୟବର ଜିଲ୍ଲାପାଳଙ୍କ ପ୍ରେରଣାଦାୟୀ ମାର୍ଗ ଦର୍ଶନ। କାରୀଗରମାନେ ଆତ୍ମନିର୍ଭରଶୀଳ ହୋଇ ନିଜ ଉତ୍ପାଦ ସାମଗ୍ରୀ ଗୁଡ଼ିକୁ ଅଧିକରୁ ଅଧିକ ଉପଯୋଗ କରିବା ପାଇଁ ଗୁରୁତ୍ୱ ଦେବା ସହ ବ୍ରାଣ୍ଡିଂ ଓ ପ୍ୟାକେଜିଂକୁ ଗୁରୁତ୍ୱ ଦେଇ ନିଜ ନିଜର ଉତ୍ପାଦକୁ ଅଧିକ ଆକର୍ଷଣୀୟ ତଥା ବଜାର ଉପଯୋଗୀ କରାଇବାକୁ ପରାମର୍ଶ ଦେଇଥିଲେ। ସେହିପରି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କଟକ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଓରମାସ ଯୁଗ୍ମ ନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ସାନ୍ଧୁଲ ରାମା ରାଓ, ଜୟ ଭାରତ ସ୍ପାଇସର ଚେୟାରମ୍ୟାନ ସୁରେନ୍ଦ୍ର ନାଥ ପଣ୍ଡା, ଶିବାନୀ ଟ୍ରେଡ଼ର୍ସ, ଶ୍ୟାମ ହରବାଲ, ଜୀବନଜ୍ୟୋତି ହରବାଲ, ଉତ୍କଳ ଇଣ୍ଟରନ୍ୟାସନାଲ ଆଗ୍ରିସୋଲ, ଜୁବିସ ଡିଜାଇନର ହାଉସ, ଓଡ଼ିଟ୍ରାଇବ, ସାଇ ଏକ୍ସପର୍ଟ, ପ୍ରିମିୟର ଇରିଗେସନ ଏଜିଟେକ୍, ଭିଲ୍ଲାମାର୍ଟ, ରାଜୀବ ଆଗ୍ରୋଟେକ ଆଦି ସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ। ଜନଜୀବନ ଓ ଜନ ଚେତନାରେ ଆଦର ମହକ ରଖିଥିବା ଖଣ୍ଡୁଆ ପାଟ ଏବେ ସମସ୍ତଙ୍କ ହାତ ପାହାନ୍ତାରେ ଘରେ ଘରେ ହିଁ ଉପଲବ୍ଧ ହୋଇପାରିବ ଏହା ହିଁ ସବୁଠାରୁ ଓରମାସର ଲୋକପ୍ରିୟ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ।



ବିପିନ ବିହାରୀ ରାଉତ

*ଯୁଗ୍ମ ନିର୍ବାହୀ ଅଧିକାରୀ, ଓରମାସ, ଭୁବନେଶ୍ୱର*

# ୱାହା ଉସ୍ତାଦ୍ : ଛିଡ଼ିଗଲା ତବଲାର ତାନ

ବିଶ୍ୱରେ ଭାରତୀୟ ସଙ୍ଗୀତ ଜଗତର ଉଜ୍ଜ୍ୱଳ ଦୀପଶିଖା ଜାକିର ହୁସେନଙ୍କ ଜୀବନ ଦୀପ ଲିଭି ଯାଇଛି। ୭୩ ବର୍ଷ ବୟସରେ ତବଲାରେ ତାଙ୍କ ଆଙ୍ଗୁଠି ରହି ହିଁ ଯାଇଛି। ତାଙ୍କ ଆଙ୍ଗୁଠି ଚାଲିବା ସମୟରେ ଯେଉଁ ନାଦ ଓ ତାଳ ସୃଷ୍ଟି ହେଉଥିଲା ତାହା ସମସ୍ତଙ୍କୁ ବାନ୍ଧି ରଖିଥିଲା। ମୁକୁଳା କେଶ ଗୁଚ୍ଛା ସହ ସୌମ୍ୟକାନ୍ତୀ ଚେହେରାର ଜାକିର ଯେ କେବଳ ଜଣେ ବିଖ୍ୟାତ ତବଲା ବାଦକ ବା ସଙ୍ଗୀତଜ୍ଞ ଥିଲେ ତାହା ନୁହଁ, ଥିଲେ ଜଣେ ନମ୍ର ଓ ଭଦ୍ରବ୍ୟକ୍ତି ଭାବେ ପରିଚିତ ଥିଲେ। ଭାରତର ମୁମ୍ବାଇରେ ୧୯୫୧ ମସିହାରେ ଜନ୍ମିତ ଜାକିର ୨୦୨୪ ମସିହାରେ ଆମେରିକାର ସାନ୍‌ଫ୍ରାନସିସ୍କୋରେ ଆରପାରିକୁ ଚାଲି ଯାଇଛନ୍ତି। ତାଙ୍କ ପରଲୋକରେ ଭାରତ ଏବଂ ବିଶ୍ୱ ସଂଗୀତ ଜଗତ ଜଣେ ଖ୍ୟାତନାମା ସଂଗୀତଜ୍ଞଙ୍କୁ ହରାଇଛି। ଭାରତୀୟ ସଙ୍ଗୀତର କିମ୍ବଦନ୍ତୀ ପୁରୁଷ ଉସ୍ତାଦ୍ ଜାକିର ହୁସେନଙ୍କ ବିୟୋଗରେ ଏକ ଯୁଗର ଅବସାନ ଘଟିଛି। ସେ କେବଳ ଜଣେ ବିଖ୍ୟାତ ତବଲା ବାଦକ ନଥିଲେ, ସେ ଥିଲେ ଭାରତୀୟ ସଙ୍ଗୀତର ଆତ୍ମା। ତାଙ୍କ ତବଲା ବାଦନର ଟିପା ଧ୍ୱନି ଥିଲା ଭାରତୀୟ ସଙ୍ଗୀତର ହୃଦସ୍ପନ୍ଦନ। ତାଙ୍କ ତବଲାର ସ୍ୱରରେ ଆମେରିକାରୁ ନେଇ ଅଷ୍ଟ୍ରେଲିଆ ଏବଂ ଲଣ୍ଡନରୁ ନେଇ ଜର୍ମାନୀ ପର୍ଯ୍ୟନ୍ତ ସବୁଠି ଭାରତର ସଙ୍ଗୀତ ଝଙ୍କୃତ ହେଉଥିଲା। ସାଧନା, ନିଷ୍ଠା ଓ ଅଧ୍ୟବସାୟ ବଳରେ ଜଣେ ସାଧାରଣ ମଣିଷ କିଭଳି ଅସାଧାରଣ ଉଚ୍ଚତାରେ ପହଞ୍ଚି ପାରନ୍ତି ତା'ର ଜ୍ୱଳନ୍ତ ଉଦାହରଣ ଥିଲେ ପଦ୍ମବିଭୂଷଣ ଜାକିର ହୁସେନ।

ତବଲା ଓ ସଙ୍ଗୀତପ୍ରେମୀ ମାନଙ୍କ ହୃଦୟରେ ଜାକିର ଏକ ଅଭୁଲା ଛାପ ଛାଡ଼ି ଯାଇଛନ୍ତି। ତାଙ୍କ ବାପା ଆଲ୍ଲା ରଖା କ୍ୟୁରେସି ଜଣେ ମହାନ ତବଲା ବାଦକ ଥିଲେ। ଏକଦା ଜାକିର କହିଥିଲେ ଯେ ସେ ଯେତେବେଳେ ଜନ୍ମ ହେଲେ ତାଙ୍କ ବାପା ତାଙ୍କ କାନରେ ପ୍ରାର୍ଥନା ପରିବର୍ତ୍ତେ 'ତବଲାର ତାଳ' ଶୁଣାଇଥିଲେ। ଜୀବନକାଳ ମଧ୍ୟରେ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଭାରତ ସରକାରଙ୍କ ତାଙ୍କୁ ୧୯୮୮ରେ ପଦ୍ମଶ୍ରୀ, ୨୦୦୨ରେ ପଦ୍ମଭୂଷଣ ଏବଂ ୨୦୨୩ରେ ପଦ୍ମବିଭୂଷଣ ସମ୍ମାନ ପ୍ରଦାନ କରିଥିଲେ। ୧୯୯୦ ଦଶକରେ ସେ ସଙ୍ଗୀତ ନାଟକ ଏକାଡେ଼ମୀ ସମ୍ମାନ ପାଇଥିଲେ। ଜାକିରଙ୍କୁ ଚାରଟି ଗ୍ରାମି ପୁରସ୍କାର ମିଳିଛି। ସେଥିରୁ ତିନୋଟି ପୁରସ୍କାର ସେ ଚଳିତବର୍ଷ ପାଇଛନ୍ତି। ଜାକିର ମୁମ୍ବାଇର ମାହିମରେ ଥିବା ସେଣ୍ଟ ମାଇକେଲ ସ୍କୁଲରେ ପାଠ ପଢ଼ିଥିଲେ। ଏହା ବ୍ୟତୀତ ସେ ମୁମ୍ବାଇର ସେଣ୍ଟ ଜାଭିୟର୍ସ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ ମାତ୍ର ୧୧ ବର୍ଷ ବୟସରେ ଆମେରିକାରେ ନିଜର ପ୍ରଥମ କନସର୍ଟ କରିଥିଲେ। ୧୯୭୩ ମସିହାରେ ସେ ତାଙ୍କର ପ୍ରଥମ ଆଲବମ୍ ଲିଭିଂ ଇନ ଦି ମ୍ୟାଟେରିଆଲ ୱାର୍ଲ୍ଡ ଆରମ୍ଭ କରିଥିଲେ। ଜାକିର ହୁସେନଙ୍କୁ ଯେତେବେଳେ ୧୨ ବର୍ଷ ହୋଇଥିଲା, ସେ ତାଙ୍କ ବାପାଙ୍କ ସହ ଏକ କନସର୍ଟକୁ ଯାଇଥିଲେ। ଏହି ସମାରୋହରେ ପଣ୍ଡିତ ରବିଶଙ୍କର, ଉସ୍ତାଦ ଅଲି ଆକବର ଖାନ, ବିସମିଲ୍ଲା ଖାନ, ପଣ୍ଡିତ ଶାନ୍ତା ପ୍ରସାଦ ଓ ପଣ୍ଡିତ କିଷନ ମହାରାଜଙ୍କ ଭଳି ସଙ୍ଗୀତ ଶିଳ୍ପୀମାନେ ଯୋଗ ଦେଇଥିଲେ। ଜାକିର ହୁସେନ ତବଲାକୁ କେବଳ ବିଶ୍ୱ ମଞ୍ଚକୁ ନେଇନଥିଲେ। ଏକଦା ତବଲାକୁ ତାଙ୍କର ବନ୍ଧୁ, ଭାଇ ଓ ସାଥୀ ବୋଲି କହୁଥିବା ଜାକିରଙ୍କର ମୃତ୍ୟୁରେ ଛଅ ଦଶନ୍ଧି ତବଲା ବାଦନ ଜୀବନରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସ୍ୱତନ୍ତ୍ର ତବଲା ବାଦନ ଶୈଳୀ ପାଇଁ ପରିଚିତ ଜାକିର ଭାରତର ଶାସ୍ତ୍ରୀୟ ସଙ୍ଗୀତ ଓ ପାଶ୍ଚାତ୍ୟ ସଙ୍ଗୀତ ମଧ୍ୟରେ ସମ୍ପର୍କ ସ୍ଥାପନର ଏକ ସେତୁ ଥିଲେ। ସେ ତାଙ୍କ ତବଲାର ଅତୁଳନୀୟ ତାଳରେ କୋଟି କୋଟି ଲୋକଙ୍କୁ ବାନ୍ଧି ରଖିବା ସହ ଭାରତର ଶାସ୍ତ୍ରୀୟ ସଙ୍ଗୀତକୁ ସେ ବିଶ୍ୱ ସଙ୍ଗୀତ ସହ ମିଶାଇ ପାରିଥିଲେ। ଏଥିପାଇଁ ସେ ସାଂସ୍କୃତିକ ଏକତାର ଦୂତ ପାଲଟିଥିଲେ। ତାଙ୍କ ପ୍ରଦର୍ଶନ ଆତ୍ମାକୁ ଛୁଇଁଲାଭଳି। ସଙ୍ଗୀତଜ୍ଞ ଓ ସଙ୍ଗୀତପ୍ରେମୀଙ୍କୁ ତାହା ପିଢ଼ି ପରେ ପିଢ଼ି ପ୍ରେରଣା ଯୋଗାଇବ।



ଅନୁପମା ଭୂୟାଁ

*'ସାଇବିଥି' ୭ଡ଼ି/୧୩୫୪,*
*ସେକ୍ଟର-୯, ସିଡିଏ, କଟକ*




## ଓଡିଆ ସାହିତ୍ୟରେ ରହସ୍ୟ ଉପନ୍ୟାସ

ବିଶ୍ୱର ପାଠକମାନଙ୍କ ମଧ୍ୟରେ ଆଗଥା କ୍ରିଷ୍ଟଙ୍କ ରହସ୍ୟ ଉପନ୍ୟାସ,ସାର ଆର୍ଥର କୋନାନ ଦୟଲଙ୍କ ସେରଲକ ହୋଲମସ ସଂପର୍କିତ ଗଳ୍ପ ଓ ହାରି ପୋର୍ଟର ଭଳି ଭୌତିକ ଉପନ୍ୟାସର ବେଶ ଆଦର ରହିଛି । ଯେ କୌଣସି ପୁସ୍ତକ ଦୋକାନରେ ଏହି ଜାତୀୟ ପୁସ୍ତକ ବହୁଳ ସଂଖ୍ୟାରେ ବିକ୍ରୟ ପାଇଁ ଗଛିତ ଥାଏ । ଓଡିଶାରେ ମଧ୍ୟ ରହସ୍ୟ ଉପନ୍ୟାସର ଆଦର ୫୦ବର୍ଷ ତଳେ ଅସମ୍ଭବ ଭାବେ ଅଧିକ ଥିଲା । ହାଇସ୍କୁଲ ଓ କଲେଜ ପଢୁଆ ପିଲାଙ୍କ ମଧ୍ୟରେ ବିଭିନ୍ନ ଡିଟେକଟିଭ ପୁସ୍ତକର ବଡ ଚାହିଦା ଥିଲା । ସେସବୁର ଲୋକ ପ୍ରିୟତାକୁ ଆଖି ଆଗରେ ରଖି ସିରିଜ ମାନ ଲେଖା ଯାଇଥିଲା । ସେଗୁଡିକ ମଧ୍ୟରୁ ଦସ୍ୟୁ ରବିନ ସିରିଜ, ମିରା ସିରିଜ, ତ୍ରିପୁର ସୁନ୍ଦରୀ, ମନମୋହିନୀ ସିରିଜ ପ୍ରଧାନ । ଚମ୍ବଲ ଉପତ୍ୟକାର ଡାକୁ ସମ୍ରାଟ ମାନସିଂ, ଦସ୍ୟୁରାଣୀ ଫୁଲନଙ୍କୁ ନେଇ ଅନେକ ଉପନ୍ୟାସ ଲେଖା ହୋଇଥିଲା । ଭାବାନୀ ବାବୁ ଡିଟେକଟିଭଙ୍କ ନାମ ଏବେ ବି ମନେ ଅଛି। କଣ୍ଢୁରି ଚରଣ ଦାସ, ଗିରିଧାରୀ ମହାରଣା, ଭୂପେନ ଗୋସ୍ୱାମିଙ୍କ ଭଳି ଲେଖକମାନେ ବେଶ ପାଠକଙ୍କ ପ୍ରିୟ ଥିଲେ । ସେତେବେଳେ ଗାଁର ପାଠାଗାରମାନଙ୍କରେ ଏସବୁ ବହି ମିଳୁଥିଲା । ପରବର୍ତ୍ତି ସମୟରେ କେତେକ ଲେଖକ ନିଜକୁ ରହସ୍ୟ ସମ୍ରାଟ,ରହସ୍ୟ କୁମାର ଛଦ୍ମ ନାମରେ ଡିଟେକଟିଭ ବହିମାନ ଲେଖିଲେ । ମାସିକ ଚକ୍ରାନ୍ତ, ମାସିକ ଡିଟେକଟିଭ, ସତ୍ୟ ଅପରାଧ ଘଟଣା ଭଳି ମାସିକ ପତ୍ରିକାମାନ ବଜାରରେ ମିଳିଲା । ବିଶେଷତଃ ବସଷ୍ଟାଣ୍ଡମାନଙ୍କରେ ଯାତ୍ରୀମାନଙ୍କ ହାତରେ ନିଶ୍ଚୟ ଏ ଧରଣର ପତ୍ରିକା ଦେଖିବାକୁ ମିଳୁଥିଲା । ସେତେବେଳେ କେତେକ ଔପନ୍ୟାସିକ ଗାଁ ଗହଳର ଅଳ୍ପ ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ଉପନ୍ୟାସମାନ ଲେଖୁଥିଲେ । ଏଗୁଡିକ କଲିକତାରୁ ପ୍ରକାଶ ପାଉଥିଲା । ଭାଗିରଥି ଦାସ ସେମାନଙ୍କ ମଧ୍ୟରେ ପ୍ରଧାନ । ଅଳ୍ପ ଶିକ୍ଷିତ ଗ୍ରାମ୍ୟ ବାଳିକା ସେଗୁଡିକୁ ପଢି ସଂସାର, ପ୍ରେମ, ଘରକରଣା ବିଷୟରେ ଜାଣୁଥିଲା । ବିଦେଶରେ ଥିବା ସ୍ୱାମୀଙ୍କ ପାଖକୁ ଚିଠି ଦେଉଥିଲା । ବିବାହ ବେଳେ ସାଙ୍ଗରେ ବାକ୍ସ ଭର୍ତ୍ତି ବହି ଯାଉଥିଲା । ସେହିଭଳି ପରିବାରଠାରୁ ବିଛିନ୍ନ ହୋଇ କଲିକତାର ଲକ୍ଷ ଲକ୍ଷ ଓଡିଆ ଶ୍ରମିକ ମାନଙ୍କ ପାଇଁ ଏହି ବହି ସବୁ ଅତ୍ୟନ୍ତ ପ୍ରିୟ ଥିଲା । ଲୋକେ ଜାନିଯାତ୍ରାକୁ ଗଲେ ଏ ସବୁ ବହିରୁ ନିଶ୍ଚୟ ଗୋଟେ କିଣୁଥିଲେ । କାଳକ୍ରମେ ଏ ସବୁ ପୁସ୍ତକର ଲେଖିବା କମିଗଲା । କାରଣ ଏ ଧରଣର ପୁସ୍ତକକୁ ଆମର ସାହିତ୍ୟର ବଡପଣ୍ଡାମାନେ ଶସ୍ତା ସାହିତ୍ୟ ବୋଲି ଭାବିଲେ । ସେମାନଙ୍କର ଭୁଲ ହେଲା ଅତ୍ୟନ୍ତ ସରଳ ଭାବରେ ତାହା ଲେଖା ଥିଲା । କଳ୍ପନା ଅପେକ୍ଷା ବାସ୍ତବତାକୁ ଅଗ୍ରାଧିକାର ଦିଆଯାଉଥିଲା । ଏସବୁ ସାହିତ୍ୟ ଲେଖିଲେ ସମ୍ବର୍ଦ୍ଧନା ବା ମାନପତ୍ର ମିଳିବ ନାହିଁ । ସଭାରେ ଶସ୍ତା ଉପନ୍ୟାସର ଲେଖକ ବୋଲି ଉପହସିତ ହେବେ । ତେଣୁ ଲେଖକମାନେ ଏଭଳି ପ୍ରକାର ବହି ଲେଖିବା ଛାଡିଦେଲେ ଓ ସମ୍ଭ୍ରାନ୍ତ ସାହିତ୍ୟର ସଭ୍ୟ ହୋଇଗଲେ । ଯେଉଁ ସାହିତ୍ୟକୁ ସାଧାରଣ ଲୋକ ଦୁର୍ବୋଧ, ଅବୋଧ, ନିର୍ବୋଧ ବୋଲି ଷ୍ଟାମ୍ପ ବହୁ ଦିନରୁ ମାରିସାରିଛି । ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇ ସାହିତ୍ୟ ସଭା, କବିତା ପାଠୋତ୍ସବ, ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ନିଜକୁ ସୀମିତ ରଖିଛି । ଓଡିଆ ଭାଷାର ଅନେକ ଲୋକପ୍ରିୟ ପତ୍ରିକା ସୁଚରିତା, ଜହ୍ନମାମୁଁ, ପୌରୁଷ ପ୍ରାୟ ଲୋପ ହେବାକୁ ବସିଲାଣି, କାରଣ ଏଥିପାଇଁ ମନକୁ ଛୁଇଁଲା ଭଳି ଲେଖା ଆସୁନାହିଁ । ନିଜ ସଂଚିତ ଅର୍ଥରେ ବହି ଛପାଇ ମାଗଣାରେ ବାଣ୍ଟିବା ହିଁ ଆଜିର ସାହିତ୍ୟ । ସାହିତ୍ୟ ସଭାରୁ ଫେରିଲା ପରେ ବ୍ୟାଗରେ ଗୋଛାଏ ବହି ଦେଖି, ଘରଣୀଙ୍କ ଭୀମ ଗର୍ଜନ, "ସେ ବାଜେ ବହି ରଖିବାକୁ ଘରେ ଯାଗା ନାହିଁ, ତୁମ ଜିନିଷ କୋଉଠି ସାଇତି ରଖ; ନଇଲେ ରଦି କାଗଜବାଲାକୁ ସବୁ ଦେଇଦେବି !" ଏହା ହିଁ ସମ୍ଭ୍ରାନ୍ତ ସାହିତ୍ୟର ଅବସ୍ଥା ।

## ନେତାଜୀଙ୍କ ଭଳି ମଧୁବାବୁଙ୍କ ପ୍ରତିମୂର୍ତ୍ତି ହେଉ !

ଖୋର୍ଦ୍ଧା (ପିଏନ୍): ନୂଆଦିଲ୍ଲୀ ଇଣ୍ଡିଆଗେଟ୍ ଠାରେ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୨୮ ଫୁଟ ଉଚ୍ଚର ଗ୍ରାନାଇଟ୍ ପ୍ରସ୍ତର ନିର୍ମିତ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିବାରୁ ଖୋର୍ଦ୍ଧାରେ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଆନନ୍ଦ ପ୍ରକାଶ ପାଇଛି । ଏହି ଉପଲକ୍ଷେ ଏକ ଅଭିନନ୍ଦନ ସଭା ଖୋର୍ଦ୍ଧା ସାହିତ୍ୟ ସଂସଦ କାର୍ଯ୍ୟାଳୟରେ ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ ତଥା ଡ଼. ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାରେ ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଉମାଶଙ୍କର ପ୍ରସାଦ, ରାମଶଙ୍କର ଓ ଶକ୍ତି ଶଙ୍କର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରି କେନ୍ଦ୍ର ସରକାରଙ୍କ ଏହି ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ । ଓଡ଼ିଶାର ବରପୁତ୍ର ଭାବେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦେଶରେ ପ୍ରଥମ ଆଜାଦ୍ ସରକାର ପ୍ରତିଷ୍ଠା କରିଥିଲେ । ସେହିଭଳି ଉତ୍କଳଗୌରବ ମଧୁସୂଦନ ଦାସ ଓଡ଼ିଆ ଭାଷାକୁ ଭିତିକରି ଓଡ଼ିଶା ରାଜ୍ୟ ଗଠନ କରିଥିବାରୁ ତାଙ୍କର ବିଶାଳ ପ୍ରତିମୂର୍ତ୍ତି ଉଭୟ ଦିଲ୍ଲୀ ଓ ଭୁବନେଶ୍ୱରରେ ନିର୍ମାଣ କରିବାକୁ ବୁଦ୍ଧିଜୀବୀମାନେ ପ୍ରସ୍ତାବ ଦେଇଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀ ମଧୁବାବୁଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇଥିବାରୁ ମଧୁବାବୁଙ୍କ ନୀତି, ଆଦର୍ଶ ଓ କର୍ତବ୍ୟପଥ ସମ୍ପର୍କରେ ଭବିଷ୍ୟତ ପିଢି ଜାଣିବା ଦରକାର ବୋଲି ସେମାନେ ମତ ଦେଇଥିଲେ ।

## ଧର୍ମଶାଳା ବ୍ଲକରୁ ୭୪ ନିଖୋଜଙ୍କୁ ଠାବ କଲା ପୁଲିସ୍

ଧର୍ମଶାଳା (ପିଏନ୍): ରାଜ୍ୟରେ ବିଭିନ୍ନ ସମୟରେ ନିଖୋଜ ହୋଇଥିବା ବ୍ୟକ୍ତି, ମହିଳା, ନାବାଳକ, ନାବାଳିକା ଓ ଛୋଟ ପିଲାମାନଙ୍କୁ ଠାବ କରିବା ପାଇଁ ପୁଲିସ ମହାନିର୍ଦ୍ଦେଶକ ପ୍ରତ୍ୟେକ ଜିଲ୍ଲାର ଏସପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାର ନାମ ଅପରେସନ ମିସିଂ ଡ୍ରାଇଭ ରଖାଯାଇଥିବା ବେଳେ ପ୍ରତ୍ୟେକ ଜିଲ୍ଲାରେ ପୁଲିସ ପକ୍ଷରୁ ସେପ୍ଟେମ୍ବର ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ନିଖୋଜମାନଙ୍କୁ ଠାବ କରିବା କାର୍ଯ୍ୟକ୍ରମ ଜାରି ରହିଛି । ଏହି କ୍ରମରେ ଧର୍ମଶାଳା ବ୍ଲକ ଜେନାପୁର ଓ ଧର୍ମଶାଳା ଥାନା ପକ୍ଷରୁ ଗତ ୧ ତାରିଖରୁ ୯ ତାରିଖ ଯାଏ ୭୪ଜଣ ନିଖୋଜଙ୍କୁ ଠାବ କରାଯାଇପାରିଛି । ଧର୍ମଶାଳା ଥାନା ପକ୍ଷରୁ ୧୬ଜଣ ନିଖୋଜ ଠାବ କରାଯାଇଥିବା ବେଳେ ଜେନାପୁର ଥାନା ପକ୍ଷରୁ ୫୮ଜଣ ନିଖୋଜଙ୍କୁ ଠାବ କରାଯାଇଛି ବୋଲି ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଓ ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି । ଏହି ଡ୍ରାଇଭ ଦୁଇଦିନ ପର୍ଯ୍ୟନ୍ତ ଜାରି ରହିବ ।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଧର୍ମଶାଳା ଯୁବ ବିଜେଡି



ଧର୍ମଶାଳା (ପିଏନ୍): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ରାଜ୍ୟ ବନ୍ୟା ନିୟନ୍ତ୍ରଣ ବୋର୍ଡର ଟେକ୍ନିକାଲ (ଟିଏସି)ର ସଦସ୍ୟ ଭାବେ ମନୋନୀତ କରିଥିବାରୁ ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି । ବ୍ଲକ ଯୁବ ବିଜେଡି ସଭାପତି କ୍ଷିତିଶ କୁମାର ନାୟକଙ୍କ ନେତୃତ୍ୱରେ ଗତକାଲି ଯୁବ ବିଜେଡି କର୍ମୀ ମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହିତ ଏକ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରି ବିଧାୟକ ଶ୍ରୀ ବଳବନ୍ତରାୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଜୁ ଯୁବ ଜନତା ଦଳର ସମସ୍ତ କର୍ମକର୍ତା ସହଯୋଗ କରିଥିଲେ ।

## ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ସଂସ୍କାର

ଓଡ଼ିଶା ସରକାର ସର୍ବଶେଷ ସୂଚନା ପ୍ରଯୁକ୍ତି ଓ ସାମାଜିକ ଗଣମାଧ୍ୟମର ବ୍ୟବହାର କରି ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ନୂଆ ପ୍ରକାର ବ୍ୟବସ୍ଥା ଆପଣାଉଛନ୍ତି । ଦିନକୁ ଦିନ ଲୋକମାନେ ସୋସିଆଲ ମିଡ଼ିଆ ସହିତ ଅତ୍ୟନ୍ତ ସକ୍ରିୟ ରହୁଛନ୍ତି ଓ ହାତପାହାନ୍ତାରେ ଥିବା ମୋଇବାଲ ମାନଙ୍କରେ ସରକାରଙ୍କ ପ୍ରଦତ୍ତ ସର୍ବଶେଷ ତଥ୍ୟ ଓ ସଚେତନତା ଜାଣି ପାରୁଛନ୍ତି । ତେବେ ଏହା ଭିତରେ ଏକ ବଡ଼କଥା ହେଉଛି, ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ଲାଗି ପ୍ରଚଳିତ ବ୍ୟବସ୍ଥାରେ ସଂସ୍କାର ଅଣାଯାଇଛି । ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଥିବା ମାନୁଆଲ ବ୍ୟବସ୍ଥା ବଦଳରେ ଡିଜିଟାଲ ବା କମ୍ପ୍ୟୁଟରୀକରଣ କରାଯାଉଛି । ଏଥିଲାଗି ଅଟୋମେଟିକ ବା ସ୍ୱୟଂ ଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ ବ୍ୟବସ୍ଥାର ପ୍ରଚଳନ ହେଉଛି । ପ୍ରାଥମିକ ପର୍ଯ୍ୟାୟରେ ୧୯ଟି ଆରଟିଓରେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ଏଥିଲାଗି ଅତ୍ୟାଧୁନିକ ଡ୍ରାଇଭିଂ ପରୀକ୍ଷଣ ଟ୍ରାକ ସ୍ଥାପନ କରାଯାଉଛି ।

ସୂଚନାଯୋଗ୍ୟ ଯେ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ହେଲେ ପ୍ରତ୍ୟେକଙ୍କୁ ଡ୍ରାଇଭିଂ ସ୍କିଲ ଟେଷ୍ଟ ଦେବାକୁ ପଡ଼ିଥାଏ । ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଜଣେ ମୋଟର ଯାନ ଇନ୍ସପେକ୍ଟରଙ୍କ ଉପସ୍ଥିତିରେ ଏହି ପରୀକ୍ଷା ଦେବାକୁ ପଡୁଛି । ପରୀକ୍ଷା ଶେଷରେ ଏହି ଅଧିକାରୀ ନିଷ୍ପତ୍ତି ନିଅନ୍ତି ଯେ ଆପଣଙ୍କର ଡ୍ରାଇଭିଂ କରିବାର କ୍ଷମତା ଅଛି କି ନାହିଁ । ଏହି ପ୍ରଚଳିତ ବ୍ୟବସ୍ଥା ଶୀଘ୍ର ଇତିହାସ ହେବାକୁ ଯାଉଛି । ଏବେ ଡ୍ରାଇଭିଂ ଦକ୍ଷତା ବିଷୟରେ ନିଷ୍ପତ୍ତି କ୍ୟାମେରା, ସେନ୍ସର ଏବଂ କମ୍ପ୍ୟୁଟର ଉପରେ ନ୍ୟସ୍ତ କରାଯିବ । ଏଥିଲାଗି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଡ୍ରାଇଭିଂ ଟେଷ୍ଟ ସିଷ୍ଟମକୁ ଅପଗ୍ରେଡ୍ କରାଯାଉଛି ।

ନୂତନ ବ୍ୟବସ୍ଥାରେ କେବଳ ଆବେଦନକାରୀଙ୍କ କେବଳ ଡ୍ରାଇଭିଂ ଦକ୍ଷତା ଯାଞ୍ଚ ହେବନାହିଁ ବରଂ ଲାଇସେନ୍ସ ପ୍ରଦାନ କରିବା ସମୟରେ ସ୍ୱଚ୍ଛତାକୁ ମଧ୍ୟ ସୁନିଶ୍ଚିତ କରାଯିବ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୯ଟି ଆରଟିଓରେ ଡ୍ରାଇଭିଂ ପରୀକ୍ଷଣ ଟ୍ରାକରେ ଏଡିଟିଏସ ସ୍ଥାପନ କରାଯିବ । ଭିଡ଼ିଓ ଆନାଲିଟିକ୍ସ ଟେକ୍ନୋଲୋଜି ଓ କ୍ୟାମେରା ଏବଂ ସେନ୍ସରର ବ୍ୟବହାର କରି ଏହି ସିଷ୍ଟମ ଏକ ଅତ୍ୟାଧୁନିକ ସେଟଅପ ପ୍ରଦର୍ଶିତ ହେବ । ଯାନଗୁଡ଼ିକର ପ୍ରବେଶଠାରୁ ଆରମ୍ଭ କରି ଏହାର ଯାଞ୍ଚ ସବୁକିଛି ଡିଜିଟାଲ ପଦ୍ଧତିରେ ସୁନିଶ୍ଚିତ କରାଯିବ । ଟ୍ରାକରେ ଫିଟ ହୋଇଥିବା ଡିଜିଟାଲ ଟେଷ୍ଟିଂ ସେନ୍ସରଗୁଡ଼ିକ ଏହାଉପରେ ନଜର ରଖିବ ଏବଂ ଆବେଦନକାରୀଙ୍କ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ । ଏକାଧିକ ହୋଇ ଡେଫିନେସନ କ୍ୟାମେରା ସହିତ ବୈଜ୍ଞାନିକ ପଦ୍ଧତିରେ ପରିକଳ୍ପିତ ସିଷ୍ଟମକୁ ଆବେଦନକାରୀଙ୍କ ଡ୍ରାଇଭିଂ ଦକ୍ଷତାର ମୂଲ୍ୟାଙ୍କନ କରିବାକୁ ସଜାଗ ରଖାଯିବ । ଟ୍ରାକ ଗୁଡ଼ିକ ସେନ୍ସର ସହିତ ଲାଇନ ହେବ, ପରୀକ୍ଷଣ ସମୟରେ ସେନ୍ସରକୁ ମାରିବା ଦ୍ୱାରା ମାର୍କ ନଷ୍ଟ ହେବ ।

ଆବେଦନକାରୀଙ୍କ ଦକ୍ଷତା ପରୀକ୍ଷା ସିଟ ବେଲ୍ଟ, ପାଥ ପରିବର୍ତ୍ତନ, ଗାଡ଼ି ଚାଳନା, ଷ୍ଟପ ଲାଇନ, ଅପ ଗ୍ରେଡିଏଣ୍ଟ, ଫରୱାର୍ଡ୍-୮, ରିଭର୍ସ ଏସ ଏବଂ ଟ୍ରାଫିକ ଜଙ୍କସନ ପରି ପାରାମିଟର ଉପରେ ବିଚାର କରାଯିବ । ସେଠାରେ ଏକ ଏଲଇଡି ଟେଲିଭିଜନ ସହିତ ସଜ୍ଜିତ ହେବ ଯାହା କ୍ରମାଗତ ଭାବରେ ପାସ ଖେଳିବ ଏବଂ ଏଲଏମଭି ଏବଂ ମୋଟର ସାଇକେଲ ଲାଗି ଭିଡ଼ିଓ ବିଫଳ ହେବ । ପରୀକ୍ଷା ସମୟରେ ଯଥାଶୀଘ୍ର ଆବେଦନକାରୀଙ୍କ ପରୀକ୍ଷା ଫଳାଫଳ ପାସ କିମ୍ବା ଫେଲ ପ୍ରଦର୍ଶନ କରିବାକୁ ପ୍ରତ୍ୟେକ ଭେରିଏବଲ ମେସେଜିଂ ସମସ୍ତ ପରୀକ୍ଷା ଟ୍ରାକରେ ରଖାଯିବ । ୧୦ ସେକେଣ୍ଡ ମଧ୍ୟରେ ଫଳାଫଳ ଜଣାପଡ଼ିବ । ସମ୍ପୃକ୍ତ ପରୀକ୍ଷଣ ସମାପ୍ତ ହେବା ପରେ, ସ୍ମାର୍ଟ ଫୋନରେ ପାସ ବା ଫେଲର ବାର୍ତ୍ତା ପ୍ରଦର୍ଶିତ ହେବ । ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ଚାହୁଁଥିବା ପ୍ରାର୍ଥୀଙ୍କ ଦକ୍ଷ ଏବଂ ସ୍ୱଚ୍ଛ ପରୀକ୍ଷଣ ପାଇଁ ଉନ୍ନତ ପ୍ରଶିକ୍ଷଣ ପଦ୍ଧତି ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବ ଓ ସମଗ୍ର ପ୍ରକ୍ରିୟା ସଠିକତାକୁ ସୁନିଶ୍ଚିତ କରିବ ।

## ପ୍ରେସ୍ କ୍ଲବ ଓ ରୋଟାରୀ କ୍ଲବ ପକ୍ଷରୁ ଚାରା ରୋପଣ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ପ୍ରେସ୍‌କ୍ଲବ ଧର୍ମଶାଳା ଓ ଜାରକା ରୋଟାରୀ କ୍ଲବ ପକ୍ଷରୁ ପ୍ରେସ୍ କ୍ଲବ ପରିସର ଓ ବାହାରେ ଗତକାଲି ଚାରା ରୋପଣ କରାଯାଇଛି । ଏଥିରେ ରୋଟାରି କ୍ଲବ ସଭାପତି ପ୍ରମୋଦ କୁମାର ସାମଲ, ସଂପାଦକ ସୁକାନ୍ତ ସ୍ୱାଇଁ, ଜୟନ୍ତ ସାହୁ, ଅଜାମ୍ବର ସାହୁ, କଳାକର ମହାନ୍ତି, ପ୍ରଶାନ୍ତ ପୃଷ୍ଟି, ରଶ୍ମିରଂଜନ ରାୟ ପ୍ରମୁଖ ସଭ୍ୟବୃନ୍ଦ ଓ ପ୍ରେସ୍‌କ୍ଲବ ଉପଦେଷ୍ଟା ଇନ୍ଦ୍ରମଣି ନାୟକ, ସଭାପତି ରମାକାନ୍ତ ଜେନା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସଂପାଦକ ଅବିନେଶ୍ୱର ଶତପଥୀ, ସୀତାକାନ୍ତ ସାମଲ, ମାନସରଂଜନ ଜେନା, ଅଖିଳ କୁମାର ସ୍ୱାଇଁ, କିଶୋର ରାଉତ, ବିକ୍ରମ ମହାନ୍ତି, ସୁବ୍ରତ ଜେନା, ଗିରିଧାରୀ ବେହେରା ପ୍ରମୁଖ ସଦସ୍ୟମାନେ ଯୋଗଦେଇ ଚାରାରୋପଣ କରିଥିଲେ ।



## ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି । ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି । ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି । ବିଜ୍ଞାନାଗାରରେ ଏହିସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ । ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏ । ପରୀକ୍ଷାମୂଳକ ଭାବେ ପେମ୍ବିଏ କମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି । ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି । ତେବେ ଏଥିରେ କିଛି ପରିବ ନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏ ର ସିଇଓ ମାଥ୍ୟୁ ମୁର୍କୁସ୍ । ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ । ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପି ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି । ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ । ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର । ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର । ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପି , କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଚି । ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି । ଏହାର କ୍ରେତା ଦୁଇ ପ୍ରକାରର । ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି । ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି । ପୁଣି କେହି କେହି ଅନ୍ଧବିଶ୍ୱାସର ବଶବ ୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି । ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି । କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି । ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ । ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ । ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା । ପେମ୍ବିଏ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି । ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ । ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ । ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି । ତେଣୁ ସେମାନେ ପେମ୍ବିଏ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି । ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି । ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି । ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି । କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି ।

## DISPLAY CLASSIFIED

**FOR ADVERTISEMENT CONTACT**

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

**TARIFF:** 10 cm.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

**ADMISSION ON**

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.K.G. & U.K.G.

N-3B-14/15, Ekamra Kanan Road,Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Mahaditya Publication

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :

Near Mukteswar Temple,

Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

Pragyan Communication

**ADMISSION ON**

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.KG., U.KG., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com

## ଚନ୍ଦନ ସାହିତ୍ୟୋତ୍ସବ ପାଇଁ ବୈଠକ

ଫୁଲନଖରା (ପିଏନ୍)-ସେପ୍ଟେମ୍ବର ୧୧ ତାରିଖ ରବିବାର ଜଗନ୍ନାଥପୁର ସ୍ଥିତ କଲ୍ୟାଣ ମଣ୍ଡପ ସଭାଗୃହରେ 'ଚନ୍ଦନ ସାହିତ୍ୟୋତ୍ସବ-୨୦୨୨' ଡଃ. ପ୍ରମୋଦ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ଏଥିରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡଃ. କୁମରବର ଦାସ ମୁଖ୍ୟଅତିଥି, ଅଧ୍ୟାପକ ବିଶ୍ୱରଂଜନ ମୁଖ୍ୟବକ୍ତା ଏବଂ ଗାଳ୍ପିକ ଆର୍ଯ୍ୟ ଯଜ୍ଞଦତ୍ତ ସମ୍ମାନିତ ଅତିଥିରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଉତ୍ସବରେ ସାହିତ୍ୟିକ ରବିନାରାୟଣ ଦାଶ, କବିସୂର୍ଯ୍ୟ ମିଶ୍ର ଓ ଗାଳ୍ପିକ ଆଭାସ ବରାଳଙ୍କୁ 'ଚନ୍ଦନ ସାରସ୍ୱତ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବାକୁ ସ୍ଥିର ହୋଇଛି । ପରେପରେ କବି ସୁରେଶ ନାୟକଙ୍କ ଅଧ୍ୟକ୍ଷତା ଓ କବି ଚନ୍ଦ୍ରବିଜୟୀ ମିଶ୍ରଙ୍କ ସଂଯୋଜନାରେ 'ଅଳପ କଥା ଓ ସାହିତ୍ୟ କଥା' ଶୀର୍ଷକ ଏକ ଆଲୋଚନା ଓ କବିତା ପାଠୋତ୍ସବରେ ଲେଖକ ଓ କବିମାନେ ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କରିବେ । ଏ ନେଇ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ ବୈଠକରେ ସବିଶେଷ ସୂଚନା ଦିଆଯାଇଥିଲା । ଏଥିରେ ଅନୁଷ୍ଠାନର ସମ୍ପାଦକ ଲିଙ୍ଗରାଜ ମହାନ୍ତି, କଳା ସମ୍ପାଦକ ଶଶୀକାନ୍ତ ରାଉତ ଓ ସହ ସମ୍ପାଦକ ସଂଜୟ କୁମାର ମହାନ୍ତି ଉପସ୍ଥିତ ଥିଲେ ।

## ବିଡିଏ କଲୋନୀରୁ ବାଇକ୍ ଚୋରି

ଖୋର୍ଦ୍ଧା (ପିଏନ୍): ଦିନକୁ ଦିନ ଖୋର୍ଦ୍ଧା ସହରରେ ବାଇକ୍ ଲୁଟ୍ ବଢିଚାଲିଛି । ଦିନ ଦ୍ୱିପହରେ ବିଡିଏ କଲୋନୀରୁ ଲୁଟ୍ ହେଉଛି ବାଇକ୍ । ରଣପୁର ଲେଖନପୁର ଅଂଚଳର ଜୟକୃଷ୍ଣ ମହାରଣା କାଠକାମ କରିବା ପାଇଁ ବିଡିଏ କଲୋନୀ ଆସିଥିବାବେଳେ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ନିକଟସ୍ଥ ଏକ ବରଗଛ ମୂଳେ ତାଙ୍କ ହିରୋ ସ୍ପ୍ଲେଣ୍ଡର (ଓଡି୦୨୫୯୦୨୫)ଗାଡ଼ି ଥୋଇଥିଲେ । ତେବେ ଗାଡ଼ିର ତାଲା ଭାଙ୍ଗି କେହି ଦୁର୍ବୃ ଚୋରି କରିନେଇଛନ୍ତି । ଏ ନେଇ ସେ ଖୋର୍ଦ୍ଧା ଥାନାରେ ଏତଲା ଦେଇଥିବାବେଳେ ଯଥାଶୀଘ୍ର ଚୋରକୁ ଠାବ କରିବା ପାଇଁ ପୁଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି । ସୂଚନାଯୋଗ୍ୟ, ବିଡିଏ କଲୋନୀ ଓ ମଙ୍ଗଳାନଗର ଅଂଚଳରେ ଦିନକୁ ଦିନ ଚୋରି ବଢୁଥିବାରୁ ଏଠାରେ ରୀତିମତ ପୁଲିସ ପାଟ୍ରୋଲିଙ୍ଗ୍ କରିବାକୁ ଦାବି ହେଉଛି ।

## ୧ କୋଟି ୩୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)- ବାଲେଶ୍ୱରରୁ ପୁଣି ବ୍ରାଉନସୁଗାର ଜବତ କରାଯାଇଛି । ଏସଡିଏଫ ଏବଂ ବାଲେଶ୍ୱର ପୁଲିସର ମିଳିତ ଚଢ଼ାଉ ଫଳରେ ୧ କିଲୋ ୩୮୦ ଗ୍ରାମର ବ୍ରାଉନ ସୁଗାର ଜବତ ହୋଇଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧ କୋଟି ୩୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି । ଭୁବନେଶ୍ୱର ଏସଟିଏଫ ଏବଂ ପୁଲିସ ପକ୍ଷରୁ ମିଳିତ ଭାବେ ସହଦେବଖୁ । ଥାନା ଅନ୍ତର୍ଗତ ଅରଡ଼ବଜାର ମସ୍‌ଜିଦ ଗଳିରେ ଚଢ଼ାଉ କରାଯାଇଥିଲା । ଘଟଣାସ୍ଥଳରୁ ନିଶା ମାଫିଆ ସେକ୍ ରଫିକ୍‌କୁ ଗିରଫ କରାଯିବା ସହ ବ୍ରାଉନସୁଗାର ଜବତ କରାଯାଇଥିଲା । ପୂର୍ବରୁ ସେକ୍ ରଫିକ୍ ନାମରେ ବାଲେଶ୍ୱରରେ ୩ଟି ନିଶାଦ୍ରବ୍ୟ ସମ୍ପର୍କିତ ମାମଲା ରହିଛି । ରଫିକ୍‌ର ଘର ପଶ୍ଚିମବଙ୍ଗର ପ କୁଲାରେ ବୋଲି ଜଣାପଡ଼ିଛି । ଗିରଫ ଅଭିଯୁକ୍ତ ମୁର୍ସିଦାବାଦ୍‌ରୁ ବ୍ରାଉନସୁଗାର ଆଣି ବ୍ୟବସାୟ କରେ । ତାକୁ ଗିରଫ କରିବା ପରେ କୋର୍ଟ ଚାଲାଣ କରାଯାଇଛି । ଉଲ୍ଲେଖଯୋଗ୍ୟ ଗତ ୨୦୨୦ରୁ ଏଯାବତ୍ ଏସଟିଏଫ ୫୭ କିଲୋଗ୍ରାମରୁ ଅଧିକ ବ୍ରାଉନସୁଗାର, ୨୦୨ ଗ୍ରାମ କୋକେନ ଓ ୧୧୧ କୁଇ ଲ ଗଞ୍ଜେଇ ଜବତ କରିଛନ୍ତି । ଏହି ମାମଲାରେ ୧୫୮ରୁ ଅଧିକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।

## ରାଷ୍ଟ୍ର ଗଠନରେ ଗୁରୁଙ୍କ ଭୂମିକା ଅବିସ୍ମରଣୀୟ



ଭୁବନେଶ୍ୱର(ପିଏନ୍): ଶିଭମ୍ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର, ଚିନ୍ତାମଣିଶ୍ୱର ଠାରେ ଗୁରୁଦିବସ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ୍, ପୂର୍ବତନ ରାଷ୍ଟ୍ରପତି, ଭାରତ ରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣାନ୍‌ଙ୍କ ପ୍ରତିମୂ ରେ ମାଲ୍ୟାର୍ପଣ ଓ ସ୍ତୁତିଚାରଣ କରି ନିର୍ଦ୍ଦେଶକ ମଦନମୋହନ ପାଢ଼ୀ, ଅଧ୍ୟକ୍ଷା ଶଶୀରେଖା ସାହୁ, ଅତିଥିଭାବେ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ଜନସେବକ ଫାଉଣ୍ଡେସନ୍‌ର ସମ୍ପାଦକ ସୁରେନ୍ଦ୍ର କୁମାର ସାହୁ ମତବ୍ୟକ୍ତ କରି କହିଥିଲେ ଯେ, ରାଷ୍ଟ୍ରର ନିର୍ମାଣରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ସହିତ ବିଦ୍ୟାର୍ଥୀମାନେ ନିଜ ଉପରେ ବିଶ୍ୱାସ ରଖି ସଠିକ୍ କର୍ମ କରିବା ସହିତ ଗୁରୁଙ୍କ ପରାମର୍ଶ ଓ ଜ୍ଞାନ ଗ୍ରହଣ କରି ତାକୁ ନିଜ କର୍ମକ୍ଷେତ୍ରରେ ବିନିଯୋଗ କରନ୍ତୁ । ବିଦ୍ୟାର୍ଥୀମାନେ ଗୁରୁ ଓ ଗୁରୁମା'ଙ୍କୁ ପୂଜା କରିବା ସହ ସେମାନଙ୍କ ଆଶୀର୍ବାଦ ନେଇଥିଲେ । ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ବକ୍ତୃତା, ରଚନା ଲେଖନ ଓ ନୃତ୍ୟର ପ୍ରତିଯୋଗିତା କରାଯାଇଥିଲା । ଗୀତିକାର, କଣ୍ଠଶିଳ୍ପୀ ମନୋଜ ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ମିଳନ, ସତ୍ୟ, ଶୁଚିସ୍ମିତା ପ୍ରମୁଖ ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Friday December 20 | ଭୁବନେଶ୍ୱର ଶୁକ୍ରବାର, ଡିସେମ୍ବର ୨୦,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ଛାତ୍ରଛାତ୍ରୀମାନେ ଶିକ୍ଷା ସହ ନୈତିକତା ବଜାୟ ରଖନ୍ତୁ: ଏଡ୍‌ୱାର୍ଡ ହେଗର




ଭୁବନେଶ୍ୱର, (ପି.ଏନ): କିଟ୍ ନଲେଜ୍ ଟ୍ରି ବକ୍ତୃତାମାଳାରେ ଆଜି ସ୍ଲୋଭାକିଆର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଏଡ୍‌ୱାର୍ଡ ହେଗର ବକ୍ତୃତା ପ୍ରଦାନ କରି କିଟ୍ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ନୈତିକତା ଓ ସମାଜ ପ୍ରତି ପ୍ରତିବଦ୍ଧତା ରଖିବାକୁ ପରାମର୍ଶ ଦେଇଥିଲେ। ସେ କହିଲେ, ଆଜିର ଯୁଗରେ ଶିକ୍ଷା ହିଁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ଶାନ୍ତି ଆଣିପାରେ। ଶିକ୍ଷା ଗୋଟିଏ ଦେଶକୁ ପରିବର୍ତ୍ତନ କରିପାରେ ଏବଂ ଶିକ୍ଷା ଜଣକ ଜୀବନରେ ସମୃଦ୍ଧି ଆଣିଥାଏ। ଛାତ୍ରଛାତ୍ରୀମାନେ କେବଳ ଶିକ୍ଷା ଗ୍ରହଣ କରି ନିଜେ କିପରି ପ୍ରତିଷ୍ଠିତ ହେବେ ସେ ବିଷୟରେ ଚିନ୍ତା ନ କରି ନିଜ ପରିବେଶ, ସମାଜ, ରାଜ୍ୟ ଓ ଦେଶରେ କିପରି ଶାନ୍ତି, ସୌହାର୍ଦ୍ଦ୍ୟ ଓ ଭ୍ରାତୃତ୍ୱଭାବ ବଜାୟ ରହିବ ସେ ଦିଗରେ ନିଜ ଜ୍ଞାନ ଓ ଦକ୍ଷତାର ବିନିଯୋଗ କରିବା ଉଚିତ। କେବଳ ପ୍ରତିଷ୍ଠା ଏବଂ ଅର୍ଥ ବଳରେ ଜୀବନରେ ଶାନ୍ତି ଆସିପାରେ ନାହିଁ। ସମାଜ ପ୍ରତି ପ୍ରତିଦାନରେ ପ୍ରକୃତ ଶାନ୍ତି ମିଳିଥାଏ। ସମାଜ ପ୍ରତି ପ୍ରତିବଦ୍ଧତା ଓ ପ୍ରତିଦାନର ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ଅଚ୍ୟୁତ ସାମନ୍ତ ବୋଲି ସେ କହିଥିଲେ। ସେ କହିଲେ ଉତ୍ତମ ଚରିତ୍ରର ବ୍ୟକ୍ତି ଜଣେ ଭଲ ନେତା ହୋଇପାରେ। ନୈତିକତା ଓ ମୂଲ୍ୟବୋଧ ସହ ନେତାମାନେ ଅନ୍ୟମାନଙ୍କ ପାଇଁ ରୋଲ ମଡେଲ୍ ହୋଇପାରିବେ ବୋଲି ସେ କହିଥିଲେ। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ଅନ୍ୟମାନଙ୍କ ପ୍ରତି ସର୍ବଦା ନମ୍ର ଓ ଦୟାଶୀଳ ହେବା ଉଚିତ। ଆମର ପୂର୍ବଜଙ୍କଠାରୁ ଜ୍ଞାନ ଆହରଣ କରି ତାହାକୁ ସମାଜସେବା ଓ ଦେଶକୁ ନେତୃତ୍ୱ ଦେବାରେ ବିନିଯୋଗ କରିବା ଉଚିତ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦାହରଣ ଦେଇ ସେ କହିଲେ ଯେଉଁମାନଙ୍କର ସାହସ ଓ ଉତ୍ସର୍ଗୀକୃତ ମନୋଭାବ ରହିଛି ସେମାନେ ସମାଜରେ ଏକ ସକରାତ୍ମକ ପରିବର୍ତ୍ତନ ଆଣିପାରିବେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଆଜି ସକାଳେ ଏଡ୍‌ୱାର୍ଡ କିଟ୍ ଓ କିସ୍ ପରିଦର୍ଶନ କରିବା ସହ କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। କିସ୍ ପରିଦର୍ଶନ କରି ଶ୍ରୀ ସାମନ୍ତଙ୍କ କାର୍ଯ୍ୟକୁ ସେ ଭୂୟସୀ ପ୍ରଶଂସା କରିଥିଲେ।

## ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ୍ ସଦର ଆଇ ଓ ବି ବ୍ୟାଙ୍କ ପଡିଆ ଠାରେ ବ୍ଲକ ସ୍ତରୀୟ ଲୋକ କଳା ମହୋତ୍ସବ 'ଚୈତି' ପାଳିତ



ଭୁବନେଶ୍ୱର,(ପି.ଏନ): ପ୍ରଥମେ ମା ମାର୍କମା ମନ୍ଦିର ପରିସରରୁ ବିଶନ କଳସ ଓ ବିଶାଳ ଶୋଭାଯାତ୍ରା ବାହାରି ଆଇ ଓ ବି ବ୍ୟାଙ୍କ ପଡିଆ 'ଚୈତି ମଣ୍ଡପକୁ ନିଆଯାଇଥିଲା। 'ଚୈତି' କମିଟି ଅଧକ୍ଷ ତଥା ବିଡିଓ ସଦାଶିବ ନାୟକ ଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଷମକଟକ ବିଧାୟକ ଧିମାନ ନୀଳମାଧବ ହିକକା,ସାନମାନୀୟ ଅତିଥି ଡଃ ଦୟାନିଧି ବାଘ ଜଳ ଛାୟା ପ୍ରକଳ୍ପ ରାୟଗଡା,ଡି.ଆଇ.ପି.ଆର ଶ୍ରୀ ବସନ୍ତ ପ୍ରଧାନ ରାୟଗଡା, ରାଜସ୍ୱ ନିରକ୍ଷ ଅଧିକାରୀ ଶ୍ରୀ ବେଙ୍କଟେଶ୍ୱର ରେଡି,ସାଂସଦ ପ୍ରତିନିଧି ଶ୍ରୀ ଦିଲୀପ ପଟନାୟକ,ବିଷମକଟକ ବ୍ଲକ୍ ଅଧ୍ୟକ୍ଷା ଯଶଦା ହୁଇକା ,ଉପାଦକ୍ଷ ଦିଲୀପ ପଟନାୟକ,ବିଷମକଟକ ଆଇ.ଆଇ.ସି ସୁରୀୟ ଚନ୍ଦ୍ର ପାଡ଼ି, ଜିଲ୍ଲା ପରିଷଦ ବିଜୟଲକ୍ଷ୍ମୀ କୁମ୍ଭୁରୁକା, ସୁଜାତା କାଡ୍ରାକା, ଲୋକ କଳା ସଂସ୍କୃତି ର ଉପସଭାପତି ସନ୍ଥୋଷ କୁମାର ବଛା,ଅଦକ୍ଷା ଟୁନି ହୁଇକା ରାୟଗଡା ,କଳା ସଂକୃତି ଶନ୍ତସ ବଛା ଉପସଭାପତି ରାୟଗଡା ।କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ଗଣେଶ ଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଲୋକ ମହୋତ୍ସବର ଉଦ୍ଘାଟନ କରିଥିଲେ। 'ଚୈତି' ସାଂସ୍କୃତିକ କାର୍ଯ୍ୟକ୍ରମ ରେ ବ୍ଲକ ରୁ ବିଭିନ୍ନ ସ୍କୁଲ ରୁ କଳାକାର ମାନେ ନାଚ଼ଗୀତରେ ଦୁଲୁକିଇଲେ ମଞ୍ଚ ପୁରାତନ ଲୁକ୍କାୟିତ ଲୋକକଳା ଉଜ୍ଜୀବିତ ହୋଇପାରୁଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଆୟୋଜିତ ମଗଥନ ଓ ବିଭିନ୍ନ ସାଂସ୍କୃତିକ ଦଳକୁ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ । ସେହିପରି ସାମ୍ବାଦିକ ମାନଙ୍କୁ ସମ୍ମାନିତ କରି ମାନପତ୍ର ଦିୟା ଯାଇଛି । ଏହି ଅବସରରେ ବ୍ଲକର ବିଭିନ୍ନ ବିଭାଗ ଓ ଏନ୍ଜିଓ ତରଫରୁ ଷ୍ଟଲ କରାଯାଇ ଲୋକଙ୍କୁ ଯଜନାଗୁଡ଼ିକ ବିଷୟରେ ସଚେତନ କରାଯାଇଥିଲା ।ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜେଶ କୁମାର ବିଶ୍ୱାଳ ଓ ମଧୁସ୍ମିତା ଦାସ ମଞ୍ଚ ପରିଚ଼ାଳନା କରିଥିଲେ। ମୁଖ୍ୟ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବିଷମ କଟକ ପୁଲିସ୍, ଅଗ୍ନିଶମ ବିଭାଗ ,ମେଡ଼ିକାଲ କର୍ମଚ଼ାରୀ ମୁତୟନ ହୋଇଥିଲେ। ସମସ୍ତ ବ୍ଲକ କର୍ମଚ଼ାରୀ ଓ ସ୍ଥାନୀୟ ବାସିନ୍ଦା ପରିଚ଼ାଳନରେ ସହଯୋଗ କରିଥିଲେ।

## ବାଲିଅନ୍ତା ବ୍ଲକ ଜୟଦେବ ଗ୍ରାମ ପଞ୍ଚାୟତ ପରିସରରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ




ଭୁବନେଶ୍ୱର,(ପି.ଏନ): ଜନ ସାଧାରଣଙ୍କୁ ହାତ ପାଆନ୍ତାରେ ସେମାନଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ଓ ସମସ୍ୟା ଗୁଡ଼ିକୁ ସମାଧାନ କରି ସେମାନଙ୍କୁ ଉପଯୁକ୍ତ ନ୍ୟାୟ ଓ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସ୍ତରରୁ, ଜିଲ୍ଲା,ବ୍ଲକ ଏବଂ ଗ୍ରାମ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯାଇ ଜନ ସାଧାରଣଙ୍କ ଆପତ୍ତି ଅଭିଯୋଗ ଗୁଡ଼ିକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମାଧାନ କରାଯାଉଅଛି। ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜନ ସାଧାରଣଙ୍କୁ ତ୍ୱରିତ ସେବା ପ୍ରଦାନ କରିବାରେ ଏକ ଉତ୍କୃଷ୍ଟ ମାଧ୍ୟମ ଅଟେ କ୍ଷ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ସମସ୍ତ ଅଧିକାରୀ ନିଷ୍ଠା ଓ ଆନ୍ତରିକତା ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ସମାଜର ତୃଣମୂଳ ସ୍ତରରୁ ଆସୁଥିବା ଅଭିଯୋଗ ଗୁଡ଼ିକୁ ସମାଧାନ କରିବାକୁ ଆଜି ପୂର୍ବାହ୍ନରେ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜୟଦେବ ଗ୍ରାମ ପଞ୍ଚାୟତ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ମିଳିତ ଜନ ଅଭିଯୋଗ ପ୍ରକୋଷ୍ଠରୁ ପଠାଯାଉଥିବା ଅଭିଯୋଗ ଦରଖାସ୍ତ ଗୁଡ଼ିକ ଉପରେ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ କରି ତୁରନ୍ତ ସମାଧାନ ସହ ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୧୫୨ ଗୋଟି ଦରଖାସ୍ତ ଆସିଥିବା ବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୧୧୮ ଓ ଗ୍ରାମ ସମସ୍ୟା ଜନିତ ୨୭ ଗୋଟି ଅଭିଯୋଗ ଥିଲା। ଅଭିଯୋଗ ପ୍ରକୋଷ୍ଠରେ ୬୪ ଗୋଟି ଅଭିଯୋଗ ର ତ୍ୱରିତ ଶୁଣାଣି କରି ସମାଧାନ କରାଯାଇଥିଲା । ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ୩ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା କ୍ଷ ଜିଲ୍ଲା ପ୍ରଶାସନର ଆଜିର ଏହି ମିଳିତ ଅଭିଯୋଗ ଶୁଣାଣି ଶିବିର ରେ ମାନ୍ୟବର ବିଧାୟକ, ଜୟଦେବ ଶ୍ରୀଯୁକ୍ତ ନବ କିଶୋର ମଲ୍ଲିକ, ଉପଜିଲାପାଳ, ଭୁବନେଶ୍ୱର ଡ଼.ମନୋରଞ୍ଜନ ସାହୁ ,ବି ଡିଓ, ବାଲିଅନ୍ତା ସ୍ମୃତିପ୍ରଜ୍ଞା,ତହସିଲଦାର, ବିମଳ କୁମାର ଲେଙ୍କା, ସହକାରୀ ଜିଲ୍ଲାପାଳ, ଅଭିଯୋଗ ଭୁବନେଶ୍ୱରୀ କଅଁର,ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଅଧିକାରୀ ଏବଂ ଯନ୍ତ୍ରୀ ମାନେ ଯୋଗଦେଇ ଥିଲେ।

## ସିଟିଜନ୍ସ ହ୍ୟୁମାନ ରାଇଟସ୍ କ୍ଲିନିକ୍ ସି.ଏଚ୍.ଆର୍.ସି ଦ୍ୱାରା ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ



ଭୁବନେଶ୍ୱର,(ପି.ଏନ): ଆଜି ରାଜଧାନୀ ଭୁବନେଶ୍ୱରରେ ଓଡ଼ିଶାର ଏକ ଅଗ୍ରଣୀ ସମାଜସେବା ସଂସ୍ଥା ' ସିଟିଜନ୍ସ ହ୍ୟୁମାନ ରାଇଟସ୍ କ୍ଲିନିକ୍' ( ସି ଏଚ୍ ଆର୍ ସି ) ଦ୍ୱାରା ସଡ଼କ ସୁରକ୍ଷା ସମ୍ପର୍କୀୟ କାର୍ଯ୍ୟକ୍ରମ କରାଯାଇଥିଲା ଓ ସଚେତନତା ର ବାର୍ତ୍ତା ପ୍ରଚ଼ାର କରାଯାଇଥିଲା ! ସି ଆର୍ ଏଚ୍ ସି ର ଚେୟାରମେନ ପ୍ରାକ୍ତନ ପୋଲିସ ଡି ଜି ଡକ୍ଟର ଗୋପବନ୍ଧୁ ମଲ୍ଲିକ ଙ୍କ ନେତୃତ୍ୱ ରେ ସଂଗଠିତ ଏହି କାର୍ଯ୍ୟକ୍ରମ ରେ ସାବିତ୍ରୀ ଦେବୀ ଚ଼ାରିଟେବଲ୍ ଟ୍ରଷ୍ଟ , ବାଣୀବିହାର -୮୦ , ପୂର୍ବଶା, ,ତାରିଣୀ ମା ସାମାଜିକ ଓ ଆର୍ଥନୀତିକ ବିକାଶ ସଂସ୍ଥା ଓ ଯେହୋଭା ଗ୍ରୁପ୍ ଅଫ କମ୍ପାନୀଜ ର ଅନେକ ସଦସ୍ୟ ଓ ନାଗରିକ ମାନେ ଅଂଶଗ୍ରହଣ କରିଥିଲେ। ନିଜ ଓ ଅନ୍ୟମାନଙ୍କ ହିତ ପାଇଁ ସଡକ ସୁରକ୍ଷା ନିୟମ କଡାକଡି ଭାବେ ପାଳନ କରିବା ପାଇଁ ରାସ୍ତା ବ୍ୟବହାରକାରୀ ମାନଙ୍କୁ ସଂଗଠନ ର ସ୍ୱ ?ଚ୍ଛାସେବୀ ମାନେ ବୁଝାଇଥିଲେ । ଚେୟାରମେନ ଡକ୍ଟର ମଲ୍ଲିକ , ସୁପ୍ରସିଦ୍ଧ ଲେଖିକା ଡକ୍ଟର ରଶ୍ମି ରାଉଳ,ପ୍ରାଧାପକ ଜୟକୃଷ୍ଣ ମହନ୍ତ ଙ୍କ ନେତୃତ୍ୱରେ ଏକ ସୁଦୀର୍ଘ ଶୋଭାଯାତ୍ରାରେ , ରାମ ମନ୍ଦିର ଠାରୁ ମାଷ୍ଟର କ୍ୟାଣ୍ଟିନ୍ ଛକ ଓ ଅଞ୍ଚଳର ପାର୍ଶ୍ୱବର୍ତ୍ତୀ ରାସ୍ତା ମାନଙ୍କରେ , ସ୍ୱ ?ଚ୍ଛାସେବୀ ମାନେ କାର , ମୋଟର ସାଇକଲ , ସାଇକଲ ଓ ଗୁରୁ ଯାନ ଚ଼ଳାଉଥିବା ବ୍ୟକ୍ତି ମାନଙ୍କୁ ଟ୍ରାଫିକ ସିଗ୍ନାଲ ମାନିବା ଓ ସତର୍କତା ସହ ନିୟନ୍ତ୍ରିତ ବେଗ ରେ ଗାଡି ଚ଼ଲାଇବା ସହ ପଥଚ଼ାରୀ ଓ ଅନ୍ୟ ଗାଡି ଚ଼ାଳୁଥିବା ବ୍ୟକ୍ତି ମାନଙ୍କ ସୁବିଧା ପ୍ରତି ଦୃଷ୍ଟି ଦେଇ ଟ୍ରାଫିକ ଯାତାୟାତ ସୁଗମ କରିବାକୁ ଅବଗତି ଓ ଅନୁରୋଧ କରିଥିଲେ ! ଟ୍ରାନ୍ସପୋର୍ଟ ଜଏଣ୍ଟ କମିଶନର ଓ ଭୁବନେଶ୍ୱର ଆର୍ ଟି ଓ , ଶ୍ରୀ ବିକାଶ ଚୌଧୁରୀ କାର୍ଯ୍ୟକ୍ରମ ଉଦ୍ଘାଟନ କରି ,ଗାଡ଼ି ଚ଼ାଳକ ମାନେ ବିଭିନ୍ନ ରାସ୍ତାରେ ନିର୍ଦ୍ଧାରିତ ବେଗରେ ଗାଡି ଚ଼ଳକ୍ଷଇବା,ନିଶ୍ଚିତ ଭାବେ ହେଲମେଟ ବ୍ୟବହାର କରିବା , ସିଟ୍ ବେଲ୍ଟ ପିନ୍ଧିବା, ନିଶା ସେବନ କରି ଯାନ ନଚ଼ଳାଇବା , ପାଖରେ ଗାଡ଼ି ଚ଼ାଳକ ଲାଇସେନ୍ସ ପାଖରେ ରଖିବା , ଗାଡ଼ି ଚ଼ଳାଉଥିବା ବେଳେ ମୋବାଇଲ ଫୋନ୍ ବ୍ୟବହାର ନକରିବା ବା କାନରେ ଇଅର୍ ଫୋନ ବ୍ୟବହାର ନକରିବା , ଆଦି ବିଷୟରେ ସଚେତନ କରାଇଥିଲେ । ସ୍ୱେଚ୍ଛାସେବୀ ମାନଙ୍କର ସଡ଼କ ସଚେତନତା ପ୍ରସେସନ ପରେ ଉପର ଲିଖିତ ସଂସ୍ଥା ମାନଙ୍କର ସଦସ୍ୟ ମାନେ ଟେ ନଗରୀର ପୋଲିସ କମିଶନର ଡକ୍ଟର ଏସ ଦେବ ଦତ୍ତ ସିଂହ ଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ଓ ଏସଂପର୍କରେ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ ! ଏବାବଦରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି କମିଶନର ପ୍ରତିନିଧି ମାନଙ୍କୁ ଭରସା ଓ ପ୍ରତିଶ୍ରୁତି ଦେଇଥିଲେ !

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray